ସକାଳ
THE SAKALA



# ଧରାପଡ଼ିଲା ଧାନକିଣାର ମିଛ

## କନ୍ଧାପୁରୀ ପାକ୍ସରେ ସମ୍ପାଦକ ଓ କର୍ମଚାରୀଙ୍କୁ ତାଲା

## ବିଜେପି ନେତାଙ୍କ ପାଇଁ ସ୍ୱତନ୍ତ୍ର ଧାନକିଣା

## କଟ୍‌ନୀ ହୋଇଥିବା ଧାନ ଫେରାଇବାକୁ ଦାବି କଲେ ଚାଷୀ

**ବଲାଙ୍ଗିର, ୨୧।୩(ସମିସ)**

ବଲାଙ୍ଗିର ଜିଲ୍ଲାରେ ଧାନକିଣାର ଗୋଳଖ ଧନ୍ଦା ପଦାରେ ପଡ଼ିଛି। ଧାନକିଣା ଆରମ୍ଭରୁ ଅନିୟମିତତା ଅଭିଯୋଗ ହୋଇ ଆସୁଥିବା ବେଳେ ଧାନକିଣା ସରିବା ପରେ ପୁଣି ଏକ ଘଟଣା ଧାନକିଣା ଅନିୟମିତତାକୁ ପଦାରେ ପକାଇଛି। ବିଜେପି ନେତା ବୋଲି ବଦଳି ଗଲା ଧାନକିଣା ନିୟମ।ତିନି ମାସ ପୂର୍ବରୁ ଯେଉଁ ଧାନ ନନଏଫଏକ୍ୟୁମାନର ବୋଲି ଆର୍‌ଏମସି ନିର୍ଦ୍ଧାରଣ କରିଥିଲା। ସେହି ଧାନକୁ ଏଫଏକ୍ୟୁମାନ ଦର୍ଶାଇ ସ୍ୱତନ୍ତ୍ର ଭାବେ ସେହି ବିଜେପି ନେତାଙ୍କ ଧାନକିଣା ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଧାନ ବିନା କଟ୍‌ନୀରେ କିଣାଯାଇଥିବାରୁ ଲୋଇସିଂହା ବ୍ଲକ କନ୍ଧାପୁରୀ ପାକ୍ସରେ ଅସନ୍ତୋଷ ଦେଖିବାକୁ ମିଳିଛି। ଚାଷୀମାନେ ପାକ୍ସ ସମ୍ପାଦକ ସହ ଅନ୍ୟ କର୍ମଚାରୀମାନଙ୍କୁ ତାଲା ପକାଇ ରଖିଥିବା ବେଳେ ଏହି ଘଟଣା ଜିଲ୍ଲାରେ ହୋଇଥିବା ଧାନକିଣା ଅନିୟମିତତାକୁ ପଦାରେ ପକାଇଛି।

ବଲାଙ୍ଗିର ଜିଲ୍ଲାରେ ବହୁ ଦିନ ପୂର୍ବରୁ ଧାନକିଣା ଶେଷ ହୋଇସାରିଛି। ଚଳିତ ବର୍ଷ ପ୍ରାୟ ୯୦ ହଜାର ଚାଷୀ ଧାନ ବିକିଥିବା ବେଳେ ୪ଲକ୍ଷ କୁଇଣ୍ଟାଲରୁ ବି ଅଧିକ ଧାନକିଣା ଯାଇଥିବା ଜଣାପଡ଼ିଛି। ତେବେ ଜିଲ୍ଲାରେ ଧାନକିଣା ସମୟରେ ସବୁ ପାକ୍ସରେ ୪ ରୁ ୫ କେଜି ଧାନ କଟ୍‌ନୀ ହେଉଥିବା, ମିଲର୍ସମାନଙ୍କ ଅନୁସାରେ ମନଇଚ୍ଛା ଧାନକିଣା ଯାଉଥିବା, ମିଛ ଏଣ୍ଟ୍ରି କରାଯାଇଥିବା ଅଭିଯୋଗ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଗୋଟିଏ ବି ଅଭିଯୋଗକୁ ଗୁରୁତ୍ୱ ଦେଇନଥିଲା। ତେବେ ବର୍ତ୍ତମାନ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ଯାହାକି ଜିଲ୍ଲା ପ୍ରଶାସନର ନୀରବତାକୁ ଷଡଯନ୍ତ୍ର ବୋଲି ପ୍ରମାଣିତ କରିଛି। ଅଭିଯୋଗ ଅନୁସାରେ ଜିଲ୍ଲାରେ ୧୭ ଜଣ ଚାଷୀଙ୍କ ଟୋକନ ଲାମ୍ପ ହୋଇଥିବାରୁ ସେମାନଙ୍କ ଧାନ ପୁଣିଥରେ କିଣିବା ପାଇଁ ଟୋକନ ପ୍ରଦାନ କରାଯାଇଛି।ଏହିକ୍ରମରେ ଲୋଇସିଂହା ବ୍ଲକ କନ୍ଧାପୁରୀ ପାକ୍ସର ଚାଷୀ ଦୁର୍ଗା ଚରଣ ସିଂହଦେଓଙ୍କ ଲାମ୍ପ ଟୋକନ ବଦଳରେ ଆଉ ଥରେ ଧାନକିଣିବା ପାଇଁ ପାକ୍ସ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଶ୍ରୀ ସିଂହଦେଓଙ୍କ ଟୋକନ ଲାମ୍ପ ହେବା ପଛରେ କୌଣସି ପ୍ରଶାସନିକ ତ୍ରୁଟି ନଥିବା ବେଳେ ତାଙ୍କର ଜିଦ ଯୋଗୁଁ ହିଁ ତାହା ଲାମ୍ପ ହୋଇଥିଲା। ସୂଚନା ଅନୁସାରେ ଶ୍ରୀ ସିଂହଦେଓଙ୍କ ଧାନବିକିବା ପାଇଁ ଡିସେମ୍ବର ୨୧ତାରିଖରେ ଟୋକନ ଦିଆଯାଇଥିଲା। ଯାହାକି ଜାନୁୟାରୀ ୧୯ ତାରିଖ ପର୍ଯ୍ୟନ୍ତ ବୈଧ ଥିଲା। ସେ ଧାନ ବିକିବା ପାଇଁ ପାକ୍ସକୁ ୧୫ ତାରିଖରେ ଆଣିଥିଲେ। ପାକ୍ସରେ ତାଙ୍କ ଧାନ ବିନା କୌଣସି କଟ୍‌ନୀରେ କିଣିବାକୁ ବାଧ କରିଥିଲେ। ଫଳରେ ଧାନର ମାନ ଯାଞ୍ଚ କରିବାକୁ ପାକ୍ସ ସମ୍ପାଦକ କହିଥିଲେ। ଏଥିପାଇଁ ଆର୍‌ଏମସିକୁ ସୂଚନା ଦିଆଯାଇଥିବା ବେଳେ ତାଙ୍କ ଧାନ ଯାଞ୍ଚ କରିବା ପାଇଁ ନୋଟିସ କରାଯାଇଥିଲା। କିନ୍ତୁ ସେ ଆସିନଥିଲେ। ଦୁଇ ଥର ନୋଟିସ ପରେ ନ ଆସିବାରୁ ବାଧ ହୋଇ ସରପଞ୍ଚ, ଆରଏମସି କର୍ମଚାରୀ, ଏସଏଲପିସି କମିଟି ଉପସ୍ଥିତିରେ ତାଙ୍କ ଧାନର ମାନ ନିର୍ଦ୍ଧାରଣ କରାଯାଇଥିଲା। ଯାହାକି ନନଏଫଏକ୍ୟୁ ବୋଲି ଜଣାପଡ଼ିଥିଲା। କିନ୍ତୁ ସେ ଧାନ ବିକିନଥିଲେ। ତାଙ୍କ ଟୋକନ ଏହିଭଳି ଲାମ୍ପ ହେବାରୁ ସେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ।ଏହାରି ଭିତରେ ତାଙ୍କ ଧାନ ପେକ୍ସ ଗୋଦାମରେ ପଡ଼ିରହିଥିଲା। ତେବେ ପୁଣି ସମ୍ପୃକ୍ତ ଚାଷୀଙ୍କ ଧାନ କିଣିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ଗତ ୧୭ ତାରିଖରେ ଆଉ ଥରେ ତାଙ୍କର ଟୋକନ ସ୍ୱତନ୍ତ୍ର ଭାବେ ଜେନେରେଟ ହୋଇଥିଲା। ଚଳିତ ଥର କିନ୍ତୁ ତାଙ୍କ ଧାନ ର ଆଉ କୌଣସି ମାନ ନିର୍ଦ୍ଧାରଣ ନକରି ବିନା କଟ୍‌ନୀରେ ଧାନ କିଣିବାକୁ ପାକ୍ସ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ପାକ୍ସ ସମ୍ପାଦକ କିଣିବାକୁ ବାଧ ହୋଇଥିଲେ।ଯାହାକୁ ନେଇ ସ୍ଥାନୀୟ ଚାଷୀ ପ୍ରଶ୍ନ ଉଠାଇଛନ୍ତି। ତିନି ମାସରେ ଗୋଦାମରେ ରହିବା ପରେ ନନଏଫଏକ୍ୟୁ ଧାନ ଏଫଏକ୍ୟୁ ହେଲା କେମିତି। କେମିତି ବିନା ଯାଞ୍ଚରେ ବିନା କଟ୍‌ନୀରେ ଧାନ କିଣାଗଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ସରକାରୀ ଦଳର ନେତା ହୋଇଥିବାରୁ ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ନା କୃଷିମନ୍ତ୍ରୀଙ୍କ ପରିଚିତ ବ୍ୟକ୍ତି ହୋଇଥିବାରୁ ବେଆଇନ ଭାବେ ଧାନ କିଣାଯାଇଛି ବୋଲି ଲୋକେ ପ୍ରଶ୍ନ ଉଠାଇ ପାକ୍ସରେ ତାଲା ପକାଇ ଦେଇଥିଲେ। ଏହିଭଳି ଭାବେ ସେମାନଙ୍କ କଟ୍‌ନୀ ହୋଇଥିବା ଧାନ ଫେରାଇବାକୁ ଦାବି କରିଛନ୍ତି। ଟୋକନ ଲାମ୍ପ ବାହାନାରେ ବିଜେପି ନେତାଙ୍କ ଧାନ କିଣା ହିଁ ସ୍ପଷ୍ଟ କରୁଛି ଡବଲ ଇଞ୍ଜିନ ସରକାରରେ କିଭଳି ଧାନକିଣାଯାଉଛି। ତେବେ ଏନେଇ ପାକ୍ସ ସମ୍ପାଦକଙ୍କୁ ପଚାରିବାରୁ ଆମେ ଧାନକିଣିବା ଲୋକ।ଯେଉଁଭଳି ଭାବେ ନିର୍ଦ୍ଦେଶ ଆସିବ ସେହି ଅନୁସାରେ ଆମେ ଧାନ କିଣିବୁ। ଅନ୍ୟପକ୍ଷରେ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ଏବିଷୟରେ କିଛି ଜାଣିନଥିବା କହିଛନ୍ତି। ଯାହାକି ପ୍ରମାଣିତ କରୁଛି ବିଜେପି ସମର୍ଥକ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ବ୍ୟବସ୍ଥାକୁ ବଦଳି କରାଯାଉଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।



## ଘୁନେଶ ପଞ୍ଚାୟତରେ ମନରେଗା ଅନିୟମତା

# ଶ୍ରମିକ ବଦଳରେ ମେସିନ କରୁଛି କାମ




**ତୁରେକେଲା, ୨୧।୩(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଉପାନ୍ତ ଘୁନେଶ ପଞ୍ଚାୟତରେ ମନରେଗାରେ ବ୍ୟାପକ ଅନିୟମତା ହେଉଥିବା ଅଭିଯୋଗ ପୁଣି ସାମ୍ନାକୁ ଆସିଛି।ଘୁନେଶ ପଞ୍ଚାୟତ ରେ ଅନେକ ସମୟରେ ସରକାରୀ ଯୋଜନା ଅନିୟମିତତା ହେଉଥିବା ଅଭିଯୋଗ ପୂର୍ବ ମଧ ହୋଇ ଆସୁଛି। କିନ୍ତୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସବୁ ବେଳେ ଶୂନ।ଚଳିତ ବର୍ଷ ଘୁନେଶ ପଞ୍ଚାୟତର ଅନେକ ଗାଁ ମନରେଗାରେ ଜମି ମରାମତି କାମ ଚାଲିଥିବା ବେଳେ ପୋଖରୀ ଖନନ ମଧ ଚାଲିଛି। ହେଲେ ସବୁ କାମରେ ଶ୍ରମିକ ନିଯୋଜିତ ହେବା ବଦଳରେ ମନରେଗା ଦାୟିତ୍ୱ ଥିବା କର୍ମଚାରୀମାନେ ଶ୍ରମିକ ବଦଳରେ ମେସିନ ଲଗାଇ କାମ କରୁଥିବା ଅଭିଯୋଗ ସାମ୍ନା ଆସୁଛି। ସରକାର ମନରେଗା ମାଧମ ରେ ଶ୍ରମିକଙ୍କୁ ଗାଁରେ ରୋଜଗାର ଦେଇ ଭିଟାମାଟି ନ ଛାଡିବାକୁ କହୁଥିବା ବେଳେ ଏଠାରେ ଦାୟିତ୍ୱ ଥିବା ସରକାରୀ କର୍ମଚାରୀ ମନରେଗା କାମରେ ଶ୍ରମିକଙ୍କୁ ନିଯୋଜିତ ନ କରିବା ଘଟଣା ସାମ୍ନା ଆସୁଛି। ଏନେଇ ଘୁନେଶ ପଞ୍ଚାୟତ ଏଡିଓଙ୍କୁ ପଚାରିବାରୁ ମୋ ନଜରରେ ସେ ଭଳି କିଛି ହୋଇନାହିଁ ବୋଲି ସଫେଇ ଦେଇଛନ୍ତି। ଯଦି ତାଙ୍କ ନଜର ଏଭଳି ଘଟଣା ସାମ୍ନାକୁ ଆସି ନାହିଁ ତେବେ ମନରେଗା କାମ ପଞ୍ଚାୟତରେ କିଏ ଦେଖୁଛି ବୋଲି ପ୍ରଶ୍ନ ଉଠୁଛି।ଜିଲ୍ଲା ପ୍ରଶାସନ ତୁରନ୍ତ ନଜର ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରମିକ ମହଲରେଦାବି ହେଉଛି।

## ନିର୍ବାହୀ ଅଧିକାରୀଙ୍କ ବିୟୋଗ

**ସଇଁତଲା, ୨୧।୩(ସମିସ):** ସଇଁତଲା ବ୍ଲକ ଅନ୍ତର୍ଗତ ଝିଙ୍ଗଡୁଙ୍ଗୁରୀ ଏବଂ ଟିକ୍ରାପଡ଼ା ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟରତ ଥିବା ଅକ୍ଷୟ କୁମାର ମହାନ୍ତିଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି।



ଶ୍ରୀ ମହାନ୍ତି ଗତ କିଛିଦିନ ତଳେ ଗୁରୁତର ଅସୁସ୍ଥ ହୋଇ ବରଗଡ଼ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗୁରୁବାର ରାତିରେ ତାଙ୍କର ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଛି। ଶ୍ରୀ ମହାନ୍ତି ସଇଁତଲା ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସରକାରୀ ବାସଭବନରେ ନିଜ ସ୍ତ୍ରୀଙ୍କ ସହ ରହୁଥବା ବେଳେ ଆଉ କିଛି ମାସ ପରେ ଅବସର ଗ୍ରହଣ କରିଥାନ୍ତେ।ଶ୍ରୀ ମହାନ୍ତି ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ବାହୀଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ବ୍ଲକ କାର୍ଯ୍ୟାଳୟ ସହ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ମହାନ୍ତିଙ୍କ ମରଶରୀରକୁ ନିଜ ଗ୍ରାମକୁ ନିଆଯାଇ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ସୂତରୁ ପ୍ରକାଶ।

## ପରଲୋକରେ ଜୟଶ୍ରୀ ମିଶ୍ର



**କଣ୍ଟାବାଞ୍ଜି, ୨୧।୩(ସମିସ):** କଣ୍ଟାବାଞ୍ଜି ଜୟ ମାତାଜୀନଗରନିବାସୀ ଜୀବନ ବୀମା ମୁଖ୍ୟ ପରାମର୍ଶ ଦାତା ଜଗନ୍ନାଥ ମିଶ୍ରଙ୍କ ଧର୍ମପତ୍ନୀ ଶ୍ରୀମତୀ ଜୟଶ୍ରୀ ମିଶ୍ର(୫୨)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ଶ୍ରୀମତୀ ମିଶ୍ର ଗୁରୁବାର ବିଳମ୍ବିତ ରାତି ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ଘଟିଛି।ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି।

## ଦେଓଗାଁ ଚିନିକଲ ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା

**ବଲାଙ୍ଗିର, ୨୧।୩(ସମିସ):** ଶିଶୁ ଉଦ୍ୟାନ ଠାରେ ଦେଓଗାଁ ଚିନିକଳ ପୁନରୁଦ୍ଧାର ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ଚିନିକଳ ପୁନରୁଦ୍ଧାର ବିଷୟରେ ବହୁ ବୁଦ୍ଧିଜୀବୀ ନିଜର ମତାମତ ରଖିଥିଲେ।ଦେଓଗାଁ ଚିନିକଳର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇ କମିଟି ଗଠନ କରାଗଲା। କମିଟିର ମୁଖ୍ୟ ସଂଯୋଜକ ଭାବରେ ବିଭୁଦ ମିଶ୍ରଙ୍କୁ ଦାୟିତ୍ୱ ଦିଆଗଲା।ସଂଯୋଜକ ଭାବରେ ରାଜେଶ ବର୍ଗତ୍ତି, ସତ୍ୟ ବନଛୋର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବିପିନ କୁଶଲିଆ, ଆଶିଷ ପାଣ୍ଡେ, ସନ୍ଦିପ ବାଗ, ପିଣ୍ଟୁ ସେଠଙ୍କୁ ଦାୟିତ୍ୱ ଦିଆଯାଇଛି।ଆଗାମି ଦିନରେବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଧାରଣା ଦେବା ପାଇଁ ସ୍ଥିର କରାଯାଇଛି।

## ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର



**ବଲାଙ୍ଗିର, ୨୧।୩(ସମିସ):** ଓଡ଼ିଶା ସରକାରଙ୍କ କଠୋର ଦଣ୍ଡବିଧାନ ଉପରେ ସଂଘର ସମ୍ପାଦକ ପିତାମ୍ବର ଖମାରୀଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ ମାଲିକମାନଙ୍କ ଉପରେ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଉକ୍ତ ବିଷୟକୁ ହୃଦୟଙ୍ଗମ କରି ଜିଲ୍ଲାପାଳ ସହରରେ ଯେପରି ଟ୍ରାକ୍ଟରମାନେ ସୁବିଧାରେ ଚାଲିବ ତା ଉପରେ ଅଧିକାରୀମାନଙ୍କ ସହିତ ଆଲୋଚନା ମାଧ୍ୟମରେ ଏସଓପି ଗଠନ କରିବାକୁ ସହମତି ପ୍ରକାଶ କରିଥିଲେ। ଏସ୍‌ପି ମଧ୍ୟ ଟ୍ରାକ୍ଟର ଡ୍ରାଇଭର, କୁଲି ଏବଂ ମାଲିକମାନଙ୍କୁ ଯେପରି କୋର୍ଟ ଫରୱାର୍ଡ କରାନଯାଏ ଉକ୍ତ ଦଣ୍ଡ ବିଧାନ ଆଗାମୀ ଦିନରେ ନ ହେବ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀମାନଙ୍କୁ ସୂଚନା ଦିଆଯିବ ବୋଲି ଆଶ୍ୱାସନା କରିଥିଲେ।ଆଲୋଚନାରେ ଗୋପାଳଜୀ ପାଣିଗ୍ରାହୀ, ମିଟୁଆ ମହାନ୍ତି, ବୁଲୁ ଘଡାଇ, ସୀତାରାମ କୁମ୍ଭାର, ସତ୍ୟଜିତ ବାବୁ, ପ୍ରବୀଣ କୁମାର ତ୍ରିପାଠି, ଜେକେ ସାହୁ, ପ୍ରହଲ୍ଲାଦ ପାଢ଼ୀ, ଉଦୟ ଶଙ୍କର ଝା, ବିଘ୍ନେଶ୍ୱର ମିଶ୍ର, ଗଙ୍ଗାଧର ସୁନା, ଜିତୁ ଦାଶ, ସ୍ୱାଧିନ ଭାଟି, ନେଗୀ ବାବୁ ଏବଂ ଅନ୍ୟାନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ସଂଘର ଦାବି ଉପରେ ସୁବିଚାର କରାନଗଲେ ଆଗାମୀ ଦିନରେ ସଂଘ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବ।

## ନିଲମ୍ବିତ ହେଲେ ଆଗଲପୁର ସରପଞ୍ଚ

# ଗୋଟିଏ ବ୍ଲକ୍‌ର ଦୁଇ ସରପଞ୍ଚ ନିଲମ୍ବିତ

**ବଲାଙ୍ଗିର, ୨୧।୩(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକରେ ପୁଣି ନିଲମ୍ବିତ ହେଲେ ଆଉ ଜଣେ ସରପଞ୍ଚ। ଆର୍ଥିକ ଅନିୟମିତତା ମାମଲାରେ ପ୍ରଥମେ ଭରସୁଜା ସରପଞ୍ଚ ନିଲମ୍ବିତ ହୋଇଥିବା ବେଳେ ଗତ ୧୯ ତାରିଖରେ ପୁଣି ଆଗଲପୁର ସରପଞ୍ଚଙ୍କୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଲମ୍ବିତ କରାଯାଇଛି। ଆଗଲପୁର ପଞ୍ଚାୟତରେ୨୦୨୧-୨୨ଓ ୨୦୨୩-୨୪ ଆର୍ଥିକ ବର୍ଷରେ କୋଟି କୋଟି ଟଙ୍କାର ଅର୍ଥ ତୋଷାରପାତ ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରଥମେ ଏହି ମାମଲାରେ ଭରସୁଜା ଓ ଆଗଲପୁର ପଞ୍ଚାୟତ ଦାୟିତ୍ୱରେ ଥିବା ତତକାଳିନ ନିର୍ବାହୀଅଧିକାରୀଙ୍କୁ ପୁଲିସ ଗିରଫ କରିଥିଲା।ଏବେ ସେହି ଘଟଣାରେ ଦୁଇ ଜଣ ସରପଞ୍ଚ ନିଲମ୍ବିତ ହେବା ପଞ୍ଚାୟତମାନଙ୍କରେ ଚାଲିଥିବା ଭିତରି ସଳାସୁତୁରାକୁ ପଦାରେ ପକାଇଛି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ସଦର ଆଗଲପୁର ପଞ୍ଚାୟତର ସରପଞ୍ଚଙ୍କୁ ନିଲମ୍ବିତ କରିଛି ରାଜ୍ୟ ପଞ୍ଚାୟତିରାଜ ବିଭାଗ। ଆର୍ଥିକ ଅନିୟମିତତା ମାମଲାରେ ଆଗଲପୁର ବ୍ଲକରେ ବଡ ଧରଣର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି। ଭରସୁଜା ପଞ୍ଚାୟତ ଭଳି ଆଗଲପୁର ପଞ୍ଚାୟତରେ ମଧ ୨୦୨୧-୨୨ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଉକ୍ତ ପଞ୍ଚାୟତରେ କୋଟି କୋଟି ଟଙ୍କା ହେରାଫେରୀ ହୋଇଥିବା ଅଭିଯୋଗ ହୋଇଥିଲା।



ସରକାରୀ ଅର୍ଥକୁ ବେଆଇନ ଭାବେ ଖର୍ଚ୍ଚ କରାଯାଇଥିବା ବେଳେ ବହୁ ପରିମାଣର ଟଙ୍କା ହଡପ ହୋଇଥିବା ନେଇ ଗୁରୁତର ଅଭିଯୋଗ ହୋଇଥିଲା। ଅଭିଯୋଗ ହେବା ପରେ ଆଗଲପୁର ବିଡିଓ କୁଳଦୀପ ମହାନ୍ତି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସମୟରେ ଉକ୍ତ ପଞ୍ଚାୟତ ନିର୍ବାହୀଅଧିକାରୀ ରାଜକିଶୋର ପୋଢ ସହଯୋଗ କରିନଥିଲେ। ଯାହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ।ଆର୍ଥିକ ଅନିୟମିତତା, ବାରମ୍ବାର ତଦନ୍ତରେ ଅସହଯୋଗ ଓ କାର୍ଯ୍ୟରେ ଅନୁପସ୍ଥିତ ରହିବାକୁ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଶ୍ରୀ ପୋଢଙ୍କୁ ପୁଲିସ ଗିରଫ କରିଥିବା ବେଳେ ଉକ୍ତ ଅନିୟମିତତା ଘଟଣାରେ ସରପଞ୍ଚଙ୍କ ମଧ ସମପରିମାଣର ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ବିଡିଓ ଶ୍ରୀ ମହାନ୍ତି ବିଭାଗକୁ ଜଣାଇଥିଲେ। ଏହି ଘଟଣାରେ ପଞ୍ଚାୟତିରାଜ ବିଭାଗ ଓଡ଼ିଶା ପଞ୍ଚାୟତ ଆଇନ ଉଲ୍ଲଂଘନ କରିବା ଅଭିଯୋଗରେ ଆଗଲପୁର ସରପଞ୍ଚଙ୍କନନ୍ଦିନୀ ମେହେରଙ୍କୁ ନିଲମ୍ବିତ କରିଥିବା ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।ଏହାର ଦୁଇ ଦିନ ପୂର୍ବରୁ ଅର୍ଥାତ ଗତ ୧୭ ତାରିଖରେ ପଞ୍ଚାୟତିରାଜ ବିଭାଗ ସେହି ବ୍ଲକର ଭସରୁଜା ସରପଞ୍ଚ ପ୍ରମିଳା ସାହୁଙ୍କୁ ନିଲମ୍ବିତ କରିଥିଲେ। ଉକ୍ତ ପଞ୍ଚାୟତରେ ପ୍ରାୟ ୫ କୋଟି ଟଙ୍କାର ଅନିୟମିତତା ହୋଇଥିବା ସ୍ପଷ୍ଟ ହୋଇଥିଲା। ତେବେ ତିନି ଦିନ ଭିତରେ ଗୋଟିଏ ବ୍ଲକର ଦୁଇ ଜଣ ସରପଞ୍ଚଙ୍କ ନିଲମ୍ବନ ନିର୍ଦ୍ଦେଶ ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ଏହିଭଳି ଭାବେ ଆଗଲପୁର ବ୍ଲକର ଅନ୍ୟ ପଞ୍ଚାୟତମାନଙ୍କରେ ମଧ ବିଭିନ୍ନ ପ୍ରକାର ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି।ଉକ୍ତ ପଞ୍ଚାୟତ ଉପରେ ମଧ ପଞ୍ଚାୟତିରାଜ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଆଜିଠାରୁ ପଞ୍ଚଦିବସୀୟ ଯୋଗ ସାଧନା ଶିବିର



**ବଲାଙ୍ଗିର, ୨୧।୩(ସମିସ):** ପତଞ୍ଜଳୀ ପରିବାର ବଲାଙ୍ଗିର ଆନୁକୂଲ୍ୟରେ ସ୍ଥାନୀୟ କୋଶଳ କଳା ମଣ୍ଡଳ ରେ ଆସନ୍ତା ୨୨ ମାର୍ଚ୍ଚରୁ ୨୬ ମାର୍ଚ୍ଚ ମଧ୍ୟରେ ହେବାକୁ ଥିବା ବିଶାଳ ଯୋଗ ଶିବିର ଆୟୋଜନକୁ ନେଇ ସାମ୍ବାଦିକ ସମ୍ମିଳନୀ କୋଶଳ କଳା ମଣ୍ଡଳସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସ୍ୱାଭିମାନ କେନ୍ଦ୍ରୀୟ ପ୍ରଭାରୀ, ସ୍ୱାମୀ ପରମାର୍ଥଦେବଙ୍କ ପ୍ରତ୍ୟକ୍ଷ ସାନ୍ନିଧରେ ପାଞ୍ଚ ଦିନ ବ୍ୟାପି ଯୋଗ, ଆସନ, ପ୍ରାଣାୟମ ଉପରେ ବିଶେଷ ପ୍ରଶିକ୍ଷଣ ଦିଆଯିବ ବୋଲି ଭାରତ ସ୍ୱାଭିମାନ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ସାମ୍ବାଦିକ ସମ୍ମଳନୀରେ ସୂଚନା ଦେଇଛନ୍ତି। ଆସନ୍ତା ପାଞ୍ଚ ଦିନ ବଲାଙ୍ଗିର ଯୋଗମୟ ହେବ ବୋଲି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧା ମାଧବ ବହିଦାର କହିଥିବା ବେଳେ, ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ରଘୁନାଥ ଷଡଙ୍ଗୀ ସମସ୍ତଙ୍କୁ ଯୋଗଦାନ କରିବା ପାଇଁ ଆହ୍ୱାନ କରିଥିଲେ।କାର୍ଯ୍ୟକ୍ରମକୁ ଯୁବ ପ୍ରଭାରୀ ଜ୍ୟୋତି ପ୍ରକାଶ ସାହୁ ସଂଯୋଜନା କରିଥିବା ବେଳେ ଯୋଗ ସମିତି ଜିଲ୍ଲା ପ୍ରଭାରୀ ଅଶୋକ ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ବିରେନ୍ଦ୍ର ଅଗ୍ରୱାଲ, ମହିଳା ପ୍ରଭାରୀ ସୁଜାତା ଦିଶ୍ରୀ, ନିହାରିକା ଭଉଣି, ଶିବରାମ ପଣ୍ଡା, ରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ବନ ଦିବସ ପାଳିତ

**ବଲାଙ୍ଗିର, ୨୧।୩ (ସମିସ):** ବଲାଙ୍ଗିର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏସିଏଫ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଗୌରବ ଶିବାଜୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ କେନ୍ଦୁଲିଫ ବିଭାଗ ଡିଏଫ୍‌ଓ ଅନିତା ରାଣୀ ରାୟ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ବବିତା ସିଂ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଅଞ୍ଜନ ଦାସ, ପଥରଚେପା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ୍ କ୍ଷମାନିଧି ଝାଙ୍କର ପ୍ରମୁଖ ମଞ୍ଚାସିନ ଥିଲେ। ଏସିଏଫ୍ ଜିତେନ୍ଦ୍ର ଦାସ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥିମାନେ ଜଙ୍ଗଲ ସୁରକ୍ଷା ଉପରେ କହିବା ସହିତ ବର୍ତ୍ତମାନ ସମୟର ମୁଖ୍ୟ ସମସ୍ୟା ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ଉପରେ ଆଲୋକପାତ କରିଥିଲେ। ଏହା ପରେ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାମ ପାଇଁ ତେନ୍ତୁଲିଖୁଣ୍ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତେଲେନପାଲି ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେଷିଲ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଚିକଲବାହାଲ, ନାନ୍ଦୁପଲା ଓ ଢୋଲମାନ୍ଦଲ ପଞ୍ଚାୟତକୁ ସମ୍ମାନିତ କରାଯାଇଥିଲା। ଶେଷରେ ଏସିଏଫ୍ ମାନସ ରଞ୍ଜନ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

**ବଲାଙ୍ଗିର, ୨୧।୩(ସମିସ):** ସ୍ଥାନୀୟ ଛତାମଖନାସ୍ଥିତ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଅଧ୍ୟକ୍ଷ ଡ.ଧନଞ୍ଜୟ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟସ୍ତରୀୟ ରେଡ୍‌କ୍ରସ ପୁରସ୍କାର ଭୁବନେଶ୍ୱର ରାଜଭବନରେ ପୁରସ୍କୃତ ହୋଇଥିବା ଡ.ଦୈତାରୀ ପୂଜାରୀଙ୍କୁ ମାନ୍ୟଗଣ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।ସଭାରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ମୁଖ୍ୟବକ୍ତା ଭାବରେ ଜିଲ୍ଲା ରେଡକ୍ରସର ପୃଷ୍ଠପୋଷକ ସଦସ୍ୟ ବିଷ୍ଣୁ ପ୍ରସାଦ କେଡିଆ, ସମ୍ମାନିତ ଅତିଥି ଭାବରେ ଶଙ୍କର ଜୈନ ଯୋଗ ଦେଇ ଶ୍ରୀ ପୂଜାରିଙ୍କୁ ସମ୍ବର୍ଦ୍ଧନା କରିବା ସହ ରେଡ୍‌କ୍ରସ ପାଇଁ ସମସ୍ତ ପ୍ରକାରର ସହଯୋଗ କରିବା ପାଇଁ ଘୋଷଣା କରିଥିଲେ।ଉକ୍ତ ସଭାରେ ବିଷ୍ଣୁ ପ୍ରସାଦ କେଡିଆ ତଥା ଶଙ୍କର ପ୍ରସାଦ ଜୈନ ପେଟ୍ରନ ମେମ୍ବର ଭାବରେ ୨୫ ହଜାର ଟଙ୍କା ଲେଖାଏଁ ଦେଇ ସଦସ୍ୟତା ଗ୍ରହଣ କରିଥିଲେ। ଘସିଏନ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ପ୍ରହଲ୍ଲାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଡ.ପବିତ୍ର କୁମାର ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ପଦ୍ମାଳୟା ତ୍ରିପାଠୀ, ଚାରୁଲତା ମିଶ୍ର, ସୁଦାମ ଚରଣ ଖମାରୀ, ରାଧାକାନ୍ତ ସାହୁ, ପ୍ରେମାନନ୍ଦ ବିଶି, ଦୁର୍ବାଦଳୟ ମିଶ୍ର, ଦିଗାମ୍ବର ପାଣ୍ଡେ, ଦୁଃଖିଶ୍ୟାମ ବାଗ ପ୍ରମୁଖ ସହଯୋଗ କରିଥିଲେ।



## ପାଟଣେଶ୍ୱରୀ ମନ୍ଦିର ଗମ୍ଭୀରାଘରୁ ଚୂନପଥର ଖସୁଛି

# ଉପଜିଲ୍ଲାପାଳଙ୍କୁ ଭେଟିଲା ଦେବାଳୟ ସୁରକ୍ଷା କମିଟି

**ବଲାଙ୍ଗିର, ୨୧।୩(ସମିସ)**

ଦେବାଳୟ ଏବଂ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିର ଜିଲ୍ଲା ପାଟଣାରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ଗର୍ଭଗୃହରେ ଚୂନପଥର ଖସୁଥିବାରୁ ଏହା ଜିଲ୍ଲା ପାଇଁ ଅଶୁଭ ସଂକେତ ଓ ଭକ୍ତଙ୍କ ମନରେ ଅଶାନ୍ତି ପ୍ରକଟ ହେଉଛି। ମନ୍ଦିରର ସୁରକ୍ଷା ପାଇଁ ଦେବାଳୟ ସୁରକ୍ଷା କମିଟି ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ୪ ଦଫା ଦାବି ପ୍ରଦାନ କରିଛନ୍ତି। ଗତ ଜାନୁୟାରୀ ୩.୧.୨୦୨୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା। ମାଁ ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ଅଟକଳ୯ କୋଟି ୧୨ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ଭକ୍ତ ଓ ଲୋକଙ୍କ ଦାବିରେ ପ୍ରଶାସନ ଡିପିଆର ପ୍ରସ୍ତୁତ କରି ମାଁ ପାଟଣେଶ୍ୱରୀ ମନ୍ଦିରର ଯଜ୍ଞ ମଣ୍ଡପ, ରୋଷେଇଶାଳା, ଭୋଗ ମଣ୍ଡପ, ସବାୟତ ପାଇଁ ବିଶ୍ରାମ ଗୃହ, ସୌ÷ନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପ ଓ ମୁଖ୍ୟ ଗେଟ ଡିପିଆରରେ ସ୍ଥାନ ପାଇଥିଲା। ଏକ ବର୍ଷରୁ ଊର୍ଦ୍ଧ୍ୱ ହୋଇଯିବ ମୁଖ୍ୟ ଗେଟ ନିର୍ମାଣ କରି ଓ ମନ୍ଦିରର ପାର୍ଶ୍ୱରେ କାର୍ଯ୍ୟ ଚାଲିଥିବା ବେଳେ ଡିପିଆର ସମ୍ପୂର୍ଣ୍ଣ ବଦଳିଯାଇଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଅଧାପନ୍ତରିଆ ହୋଇ କାର୍ଯ୍ୟ ଚାଲିଛି। ଡିପିଆର ସମ୍ପୂର୍ଣ୍ଣ ବଦଳାଇ ଦେଇଥିବାରୁ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ହୋଇଥିଲା। ମାଁ ପାଟଣେଶ୍ୱରୀ ମନ୍ଦିର ମୁଖ୍ୟ ଗମ୍ଭୀରା ଘରରେ ଚୂନପଥର ଦେବୀଙ୍କ ପ୍ରତିମୂର୍ତ୍ତି ଉପରେ ଖସୁଥିବା ବେଳେ ଏହା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରିଥିଲା। ମାଁ ପାଟଣେଶ୍ୱରୀ ଦେବୀଙ୍କ ଗମ୍ଭୀରା ଘରେ ଚୂନପଥର ଖସୁଥିବା ବେଳେ ମରାମତି ପାଇଁ ଦାବି, ମନ୍ଦିର ନିର୍ମାଣ ୧୮ ୭୨ ମସିରେ ୨୦୨୫ ଯାଏ ଏ ଯାଏଁ ଗମ୍ଭିରା ଘର ମରାମତି କରାଯାଇନାହିଁ। ଆଗକୁ ବର୍ଷା ଅଛି, ମନ୍ଦିର ବିପଦମୁଖ ଅବସ୍ଥାରେ ଏହାକୁ ମରାମତି କରିବାକୁ ଦାବି, ୨୦୨୩ ରେ ଡିପିଆର ତିଆରି ହୋଇଥିବା କାର୍ଯ୍ୟକରାଯାଉ ଆମର ଦାବି, ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତି ଅବସରେ ବଲାଙ୍ଗିର ସହରର ପ୍ରବେଶ ଦ୍ୱାରରେ ମୁଖ୍ୟଗେଟ ନିର୍ମାଣ କରିବା ପାଇଁ ଦାବି। ଉପଜିଲ୍ଲାପାଳଙ୍କ ଆଲୋଚନା କରି ଦାବି ଗୁଡିକୁ କମିଟି ସଦସ୍ୟମାନେ ଜଣାଇଥିଲେ। ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ପ୍ରତ୍ନତତ୍ୱ ବିଭାଗ ଏବଂ କମିଟି ଗଠନ ହୋଇ ଏ ଉପରେ ଉଚିତ ପଦକ୍ଷେପ ନିଆଯିବ। ବଲାଙ୍ଗିର ସହରର ୯ଟି ମନ୍ଦିର ଉନ୍ନତି ସକାଶେ ଏବଂ ଐତିହ୍ୟ କିର୍ତ୍ତି ସାଇନବୋର୍ଡ ଲଗାଯିବ ଏବଂ ଦେବୋତ୍ତର ବିଭାଗ ତରଫରୁ ମନ୍ଦିର ଐତିହ୍ୟ ପୁସ୍ତକଟି ପ୍ରକାଶିତ ହେବ। ଭକ୍ତମାନେ ଦେଉଥିବା ଅନୁଦାନ ମନ୍ଦିରରେ ସୂଚନା ବୋର୍ଡ ଲଗାଯିବ ଏବଂ ମନ୍ଦିର ସୁରକ୍ଷା ପାଇଁ ତଦାରଖ କମିଟି ଗଠନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



## ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ

# କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ପୁରସ୍କୃତ

ବଣାଇଁ,୨୧।୩(ସମିସ)




ପରିବେଶର ସୁରକ୍ଷା ନିମନ୍ତେ ସମସ୍ତଙ୍କୁ ବାର୍ତ୍ତା ଦେଇଛି ବିଶ୍ୱ ବନ ଦିବସ। ଶୁକ୍ରବାର ସୁନ୍ଦରଗଡ଼ରେ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବଣାଇଁ ଉପଖଣ୍ଡ ତରଫରୁ ବନୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦ୍ରିକଳା ପଞ୍ଚାୟତକୁ ଜିଲ୍ଲାସ୍ତରରେ ପୁରସ୍କୃତ କରାଯାଇଛି। କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିସାନ ଉପସ୍ଥିତ ରହି ମାନପତ୍ର ଉତ୍ତରୀୟ ସହ ୨୦ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ସେହିପରି ଭାବେ ବଣାଇଁ ଉପଖଣ୍ଡର ଅବୋଧ କୁମାର ନୋଡାଲ ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ସମ୍ମାନିତ କରାଯାଇ ପୁରସ୍କୃତ କରାଯାଇଛି। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ ପାତ୍ରଙ୍କ ଦିଗଦର୍ଶନରେ ପରିବେଶର ସୁରକ୍ଷା ପାଇଁ କେନ୍ଦ୍ରିକଳା ପଞ୍ଚାୟତ ଆଜି ଜିଲ୍ଲାସ୍ତରରେ ସଫଳତା ହାସଲ କରିଥିବାରୁ ଏଥିପାଇଁ ସରପଞ୍ଚ ଶ୍ରୀ କିସାନ ବଣାଇଁ ବନଖଣ୍ଡ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଆର୍‌ଏସ୍‌ପିରେ ସ୍ୱଚ୍ଛତା ପ୍ରତିଯୋଗିତାର ବିଜେତା ପୁରସ୍କୃତ

ରାଉରକେଲା,୨୧।୩(ସମିସ): ରାଉରକେଲା ଇସ୍ପାତ କାରଖାନାରେ ସ୍ୱଚ୍ଛତା ପକ୍ଷ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଇଡି (ୱାର୍କସ) କନଫରେନ୍ସ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଉତ୍ସବରେ ଅଧ୍ୟକ୍ଷତା କରି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାରଖାନାର ବହୁ ସିଜିଏମ, ବିଭାଗ ମୁଖ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଏବଂ "ବର୍ଜ୍ୟରୁ ଐଶ୍ୱର୍ଯ୍ୟ' ହସ୍ତଶିଳ୍ପ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ୧୨ ଜଣ କର୍ମଚାରୀମାନଙ୍କୁ ପୁରସ୍କାର ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ସିଲିକନ୍ ଷ୍ଟିଲ୍ ମିଲ୍ ବିଭାଗର କେଦାର ନାଥ ହୂଇ ପ୍ରଥମ, ସି ଆଣ୍ଡ ଆଇଟି ବିଭାଗର ଗୋବିନ୍ଦ କୁମାର ଦ୍ୱିତୀୟ, ସହର ସେବା ବିଭାଗର ମମତା ଦାସ ତୃତୀୟ ଏବଂ ଇଏମଡି ବିଭାଗର ମୋଥିରାମ ପ୍ରଧାନ ସାନ୍ତ୍ୱନାମୂଳକ ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଇନଷ୍ଟ୍ରୁମେଣ୍ଟେସନ ବିଭାଗର ଚନ୍ଦନ ସୁନା, ହଟ୍ ଷ୍ଟ୍ରିପ୍ ମିଲ୍ -୨ ବିଭାଗର ରିଜୱାନ୍ ହାସିମ୍ ଖାନ୍, ଏସଏସଏମ ବିଭାଗର ସର୍ବେଶ୍ୱର ପାତ୍ର ଏବଂ ପିପିସି ବିଭାଗର ରବିନାରାୟଣ ପଣ୍ଡା ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ସାନ୍ତ୍ୱନା ପୁରସ୍କାର ହାସଲ କରିଥିଲେ। 'ବର୍ଜ୍ୟରୁ



ଐଶ୍ୱର୍ଯ୍ୟ' ହସ୍ତଶିଳ୍ପ ପ୍ରତିଯୋଗିତାର ପ୍ରଥମ ୪ଜଣ ଯଥାକ୍ରମେ ମେଡିକାଲ ବିଭାଗର ରଶ୍ମି ସୋରେଙ୍ଗ, ନୂତନ ପ୍ଲେଟ ମିଲର ମମତା ପାତ୍ର, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ ବିଭାଗର ଧରେନ୍ଦ୍ର କୁମାର ଏବଂ ପ୍ଲେଟ ମିଲର ସୁବ୍ରତ କୁମାର। ସମାବେଶକୁ ଏଚ୍‌ଆର- ୱାର୍କସ ବିଭାଗର ଜିଏମ୍ ଇନ୍‌ଚାର୍ଜ ସଞ୍ଜୟ ମେହରୋତ୍ରା କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଏଚଆର ବିଭାଗର ଡିଜିଏମ ମୁକେଶ କିଶୋର କରନ ଧନ୍ୟବାଦ ଅର୍ପଣ କରିଥିଲେ।

## ୫୦୦ କେଜିରୁ ଊର୍ଦ୍ଧ୍ୱ ସ୍କ୍ରାପ୍ ଜବତ; ୪ ଗିରଫ

ରାଉରକେଲା,୨୧।୩(ସମିସ): ରଘୁନାଥପାଲି ଓ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରୁ ୫୦୦ କେଜିରୁ ଊର୍ଦ୍ଧ୍ୱ ସ୍କ୍ରାପ୍ ଜବତ କରାଯାଇଥିବା ବେଳେ ୪ ଜଣଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ମୁତାବକ, ପାନପୋଷ ବସ୍ତିଠାରେ ଗୋଦାମରେ ଗତକାଲି ଚଢଉ ହୋଇଥିଲା। ସେଠାରୁ ୨୦୦ କେଜି ସ୍କ୍ରାପ ଜବତ ହୋଇଥିବା ବେଳେ ମଧୁସୂଦନପାଲି ଅଞ୍ଚଳର ପିଣ୍ଟୁ କୁମାର ରାମଙ୍କୁ ଗିରଫ କରାଯାଇଛି। ସେହିପରି ନାଲା ରୋଡ, ଡେଲି ମାର୍କେଟ ଓ ନେହେରୁ ମାର୍କେଟ ଠାରେ ଚଢଉ କରାଯାଇ ୩୦୦ କେଜିରୁ କେଜି ସ୍କ୍ରାପ ଜବତ କରାଯାଇଛି। ଏଥିରେ ୩ ଜଣକୁ ଗିରଫ କରାଯାଇଛି। ଜବତ ହୋଇଥିବା ସ୍କ୍ରାପ ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ପୁଲିସ କହିଛି।

## ହେରୋଇନ୍ ଜବତ୍; ୨ ଗିରଫ

ରାଉରକେଲା,୨୧।୩(ସମିସ): ରାଉରକେଲା ପୁଲିସ ଜିଲ୍ଲା ଅଧୀନ ପ୍ଲାଣ୍ଟସାଇଟ୍ ଥାନା ପକ୍ଷରୁ ଚଢ଼ଉ କରାଯାଇ ପ୍ରାୟ ୧୬ ଗ୍ରାମ ଓଜନର ହେରୋଇନ୍ ଜବତ କରାଯିବା ସହ ୨ ଜଣ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି। ଗିରଫ ଯୁବକ ଦ୍ୱୟ ହେଉଛନ୍ତି ଗୋପବନ୍ଧୁପାଲ୍ଲିର ଏମ୍ ଡି ଅଫତାବ୍ (୩୦ ବର୍ଷ) ଏବଂ ଗୋପବନ୍ଧୁପାଲ୍ଲିର ମନୋଜ କୁମାର ସା (୨୪ ବର୍ଷ)। ଶୁକ୍ରବାର ସକାଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ବେଳେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପୂର୍ବ ସୂଚନା ମୁତାବକ ଟ୍ରାଫିକ୍ ଗେଟ ଅଞ୍ଚଳରେ ଏକସ୍କୁଟିକୁଅଟକାଇବାସହସନ୍ଦିଗ୍ଧଅବସ୍ଥାରେସେମାନଙ୍କୁକାବୁକରିଥିଲେ। ସେମାନଙ୍କ ନିକଟରୁ ପୁଲିସ ୧୫ ଗ୍ରାମ୍ ୬୭ ମିଲିଗ୍ରାମର ହେରୋଇନ୍ ଜବତ କରିବାସହ ସେମାନଙ୍କୁ ଗିରଫ କରିଥିଲା ବ୍ରାଉନ ସୁଗରକୁ ସେମାନେ ସାଧାରଣ ଲୋକଙ୍କୁ ବିକ୍ରୟ କରିବା ପାଇଁ ଯାଉଥିଲେ ବୋଲି ଗିରଫ ଦ୍ୱୟ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ଏମ୍ ଡି ଅଫତାବ୍ ନାମରେ ପ୍ଲାଣ୍ଟସାଇଟ୍ ଥାନାରେ ୩ଟି ମାମଲା ରହିଥିବା ବେଳେ ମନୋଜ ସା ନାମରେ ୨ଟି କେସ୍ ରହିଛି। ୨ ନିଶା ବେପାରୀଙ୍କୁ ପ୍ଲାଣ୍ଟସାଇଟ୍ ଥାନାର ଏନଡିପିଏସ୍ ଆକ୍ଟରେ ଗିରଫ୍ କରାଯାଇ କୋର୍ଟଚାଲାଣ କରାଯାଇଛି।

## ସ୍ତ୍ରୀକୁ ମାଡ଼ମାରି ସ୍ୱାମୀ ଗିରଫ

ରାଉରକେଲା,୨୧।୩(ସମିସ): ସ୍ତ୍ରୀକୁ ମାଡ଼ ମାରିବା ଅଭିଯୋଗରେ ବନ୍ଧମୁଣ୍ଡା ଥାନା ପୁଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତିଳକାନଗର ଅଞ୍ଚଳରେ ସୁନୀଲ କୁମାର ହାଁସଦା ଓ ସନ୍ଧ୍ୟା ରାଣୀ ମୁଦୁଲି ପରିବାର ରୁହନ୍ତି। କୌଣସି କଥାକୁ ନେଇ ଗତ କିଛି ଦିନ ପୂର୍ବେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏନେଇ ସ୍ୱାମୀ ସୁନିଲ ସ୍ତ୍ରୀ ସନ୍ଧ୍ୟାଙ୍କୁ ମାଡ଼ ମାରିଥିଲେ। ଘଟଣାକୁ ନେଇ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

## ଗଞ୍ଜେଇ ଜବତ; ଜଣେ ଗିରଫ

ରାଉରକେଲା,୨୧।୩(ସମିସ): ଗଞ୍ଜେଇ ଚାଲାଣ ବେଳେ ରଘୁନାଥପାଲି ଥାନା ପୁଲିସ ପାନପୋଷ ଅଞ୍ଚଳର ମହମ୍ମଦ ହସନ୍ ଜାହାଙ୍ଗୀର (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାପାଖରୁ ୩ କେଜି ୪୯୦ ଗ୍ରାମ ଓଜନର ଗଞ୍ଜେଇ, ଗୋଟିଏ ମୋବାଇଲ ଓ ଏକ ବାଇକ୍ ଜବତ କରାଯାଇଛି। ଉକ୍ତ ଅଞ୍ଚଳରୁ ଗଞ୍ଜେଇ ଚାଲାଣ ନେଇ ସୂଚନା ଆଧାରରେ ପୁଲିସ ଚଢଉ କରିଥିଲା। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଗିରଫ ହସନ୍ ସହରର ବିଭିନ୍ନ ସ୍ଥାନରେ ଚାଲାଣ କରିବାକୁ ଯାଉଥିଲେ। ହେଲେ ସେ କେଉଁ ସ୍ଥାନରୁ ଗଞ୍ଜେଇ ଆଣିଥିଲେ ତାହା ଜଣାପଡ଼ି ନାହିଁ। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଇନ୍ସପେକ୍ଟର ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି।

# ୨୩ରୁ ଜାତୀୟ ନାଟକ ମହୋତ୍ସବ

## ମଞ୍ଚସ୍ଥ ହେବ ୫ ନାଟକ

ରାଉରକେଲା,୨୧।୩(ସମିସ): ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ "ସଂପର୍କ' ପକ୍ଷରୁ ଚଳିତ ବର୍ଷ ବିଶ୍ୱନାଟ୍ୟ ଦିବସ ଅବସରରେ ଜାତୀୟ ନାଟକ ମହୋତ୍ସବ-୨୦୨୫ ମାର୍ଚ୍ଚ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ସିଭିକ ସେଣ୍ଟରରେ ଆୟୋଜିତ ହେବାକୁ ଯାଉଛି। ସଂପର୍କ ତରଫରୁ ସ୍ଥାନୀୟ କଲ୍‌ଚରାଲ ଏକାଡେମୀ ପରିସରରେ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ଜାତୀୟ ନାଟକ ମହୋତ୍ସବର ବିବରଣୀ ଉପସ୍ଥାପନ କରିଥିଲେ। ୨୩ ତାରିଖ ସନ୍ଧ୍ୟାରେ "ସଂପର୍କ' ରାଉରକେଲା ପକ୍ଷରୁ ମହାକବି କାଳିଦାସଙ୍କ ଜୀବନୀ ଆଧାରିତ ନାଟକ "ମହାକବି କାଳିଦାସ' ମଞ୍ଚସ୍ଥ ହେବ ବୋଲି ସୂଚନା ମିଳିଛି। ୨୪ରେ ଆଇଏଫଟିଏ କୋଲକାତାର କଳାକାରମାନେ ସୁନ୍ଦର ଲୋକକଥା ଆଧାରିତ ବଙ୍ଗଳା ଭାଷାର ନାଟକ 'ଦଲିଆ' ମଞ୍ଚସ୍ଥ କରିବେ। ୨୫ରେ କଲ୍‌ଚରାଲ ଆସୋସିଏସନ୍, ସମ୍ବଲପୁରର କଳାକାରମାନେ ଏକ ଦିବ୍ୟାଙ୍ଗ ବାଳିକାର ଦରଦୀ କାହାଣୀ ଆଧାରିତ ସମ୍ବଲପୁରୀ ନାଟକ "ସାଧନା' ମଞ୍ଚସ୍ଥ କରିବେ। ୨୬ ତାରିଖରେ ପ୍ରାଙ୍ଗଣ, ପାଟନା, ବିହାରର କଳାକାରମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଆଧାରିତ ନାଟକ "ଅତୀତ କେ ବାତାୟନ' ମଞ୍ଚସ୍ଥ କରିବେ। ୨୭ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଅଜିତ ପକ୍ଷରୁ ନାଟକ "କୌଣସି ଜଣେ ଗୌତମ ଚୌଧୁରୀ ପାଇଁ' ମଞ୍ଚସ୍ଥ ହେବ। ଏତଦବ୍ୟତୀତ ସ୍କୁଲ କଲେଜ ଛାତ୍ରଛାତ୍ରୀ ମଧ୍ୟରେ "ଏକକ ଅଭିନୟ' ପ୍ରତିଯୋଗିତା, ରୋଲ୍ ପ୍ଲେ ପ୍ରତିଯୋଗିତା ଓ ସଂପାନ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତ୍ୟହ ନାଟକ ମଞ୍ଚସ୍ଥ ପରେ ଦର୍ଶକମାନେ ମଞ୍ଚରେ ଥିବା କଳାକାରମାନଙ୍କୁ ଉପଯୁକ୍ତ ପ୍ରଶ୍ନ କରି ସମ୍ମାନିତ ହେବେ। ଅବସରରେ ଚିତ୍ତରଞ୍ଜନ ତ୍ରିପାଠୀ ନିର୍ଦ୍ଦେଶକ, ଜାତୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀଙ୍କୁ କବିଚନ୍ଦ୍ର କାଳୀଚରଣ ସମ୍ମାନ, ପ୍ରତାପ କୁମାର ସ୍ୱାଇଁଙ୍କୁ "ନାଟ୍ୟବନ୍ଧୁ' ସମ୍ମାନ, ନାଟ୍ୟକାର ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ମନୋରଞ୍ଜନ ଦାସ ସମ୍ମାନରେ ସମ୍ମାନିତ କରାଯିବା ବେଳେ ଅଭିନେତା ସତ୍ୟ ନାରାୟଣ ମିଶ୍ର, ଦିଲ୍ଲୀପ କୁମାର ଦେବ ଓ ବିଶିଷ୍ଟ ସମାଜସେବୀ ଗୋପୀନାଥ ପଟ୍ଟନାୟକଙ୍କୁ "ସଂପର୍କ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଶେଷରେ ସଂଗଠନ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଦେଇଥିଲେ। "ଏକତ୍ର'ର ସବୁ ସଭ୍ୟ ନାଟ୍ୟାନୁଷ୍ଠାନର କଳାକାର ଓ ରାଉରକେଲା ନାଟକପ୍ରେମୀ ଦର୍ଶକମାନଙ୍କୁ ବହୁ ସଂଖ୍ୟାରେ ସିଭିକ ସେଣ୍ଟରରେ ଉପସ୍ଥିତ ରହି ନାଟକ ଦେଖିବା ସହିତ ଭାଷା ସାହିତ୍ୟ ସଂସ୍କୃତିକୁ ଋଦ୍ଧିମନ୍ତ କରିବାକୁ ସେ ଅନୁରୋଧ କରିଥିଲେ।

## ଓଡ଼ିଶା କନ୍‌ଷ୍ଟ୍ରକସନ୍ ୱାର୍କର୍ସ ୟୁନିୟନର ଦାବି

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ରାଉରକେଲା,୨୧।୩(ସମିସ): ସିଆଇଟିୟୁ ସହ ବନ୍ଧିତ ଓଡ଼ିଶା କନ୍‌ଷ୍ଟ୍ରକସନ ୱାର୍କର୍ସ ୟୁନିୟନ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ଉଦିତନଗରସ୍ଥିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଶ୍ରମିକ ବିରୋଧୀ ୪ଟି ଲେବର କୋଡ୍‌କୁ ବାତିଲ କରିବା ଓ ନିର୍ମାଣ ଶ୍ରମିକଙ୍କର ଦୀର୍ଘ ଦିନ ଧରି ବକେୟା ଥିବା ବିଭିନ୍ନ ସହୟତା ରାଶିକୁ ତୁରନ୍ତ ପ୍ରଦାନ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଦିତନଗର ଛକରୁ ନିର୍ମାଣ ଶ୍ରମିକମାନଙ୍କର ବିଶାଳ ଶୋଭାଯାତ୍ରା ବାହାରି, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଗଠନର ଜିଲ୍ଲା ସଭାପତି ପ୍ରଭାତ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି, ଓଡ଼ିଶା କନଷ୍ଟ୍ରକସନ ୱାର୍କସ ୟୁନିୟନର ଜିଲ୍ଲା ସାଧାରଣ ସମ୍ପାଦକ ଯଯାତୀ କେଶରୀ ସାହୁ, ଉପ ସଭାପତି ସୁରେନ୍ଦ୍ର ଦାଶ, ଗୌରୀଶଙ୍କର ପାତ୍ର, ରମିଳା ସଏ, ବିଶ୍ୱଜିତ ମାଝି, ଅଜୟ ଶର୍ମା ପ୍ରମୁଖ ବକ୍ତବ୍ୟ ଦେଇ ଜଣାଇ ଥିଲେ ଯେ, ଶ୍ରମିକ ମାନଙ୍କର କଷ୍ଟ ଅର୍ଜିତ ୪୪ଟି ଶ୍ରମ ଆଇନ ମଧ୍ୟରୁ ୧୫ଟି ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ଆଉ ୨୯ଟି ଶ୍ରମ ଆଇନକୁ ଭାଙ୍ଗି ୪ଟି ଲେବର କୋଡ୍‌ରେ ପରିଣତ କରାଯାଇଛି। ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଓ ନବୀକରଣକୁ ସରଳୀକରଣ କରିବା, ବକେୟା ଥିବା ସମସ୍ତ ବେନିଫିଟକୁ ତୁରନ୍ତ ପ୍ରଦାନ କରିବା, ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀକୁ ସମସ୍ତ ନିର୍ମାଣ କ୍ଷେତ୍ରରେ କଡା କଡି ଭାବରେ ଲାଗୁ କରିବା, ଉଭୟ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ପଢୁଥିବା ନିର୍ମାଣ ଶ୍ରମିକର ପୁଅ, ଝିଅ ମାନଙ୍କ ପାଇଁ ଶିକ୍ଷାବୃତ୍ତି ପ୍ରଦାନ କରିବା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା ପ୍ରଦାନ କରିବା ଆଦି ୧୪ଟି ଦାବି ଉପରେ ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ କୃଷ୍ଣ ମଙ୍ଗରାଜଙ୍କ ସହିତ ଆଲୋଚନା କରାଯାଇ ତାଙ୍କ ମାଧ୍ୟମରେ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ଦିବାକର ମହାରଣା, ହିମାଂଶୁ ବାଗ, ବିଶ୍ୱନାଥ ଲେଙ୍କା, ମେରିୟମ ତିର୍କୀ, ରାଜୀବ ବସନ୍ତରାଏ, ବାସୁ ଦିପ, ସମ୍ବରୀ ଲୋହାର, ଲଳିତ ମୁଣ୍ଡା, ଅମରେଶ ରାଏ, ପ୍ରମୋଦ ପରିଡା, କମଳା ଦିଦି ପ୍ରମୁଖ ନେତୃତ୍ୱ ନେଇଥିଲେ।

# 'ମୁଁ ଓଡ଼ିଆ, ମୁଁ ଗର୍ବିତ' ପକ୍ଷରୁ ଉତ୍କଳ ଦିବସ ପ୍ରସ୍ତୁତି



ରାଉରକେଲା,୨୧।୩(ସମିସ): ଓଡ଼ିଆ ପରମ୍ପରା, ଭାଷା ସଂସ୍କୃତିର ପ୍ରଚାର ଓ ପ୍ରସାର ସହ ଓଡ଼ିଆଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସଂଗଠନ 'ମୁଁ ଓଡ଼ିଆ ମୁଁ ଗର୍ବିତ' ପକ୍ଷରୁ ଚଳିତ ବର୍ଷ ଉତ୍କଳ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଭୁଦାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଦିବସ ପାଳନ ନେଇ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଦିନ ସକାଳୁ ସଂଗଠନର ସଦସ୍ୟ ଓ ସଦସ୍ୟାମାନେ ସ୍ୱଚ୍ଛତା ସ୍ୱାଭିମାନ ଅଭିଯାନରେ ସାମିଲ ହୋଇ ଆଗକୁ ମା' ବାସନ୍ତୀ ଦୁର୍ଗା ପୂଜାକୁ ଦୃଷ୍ଟିରେ ରଖି ସେକ୍ଟର-୩ସ୍ଥିତ ବାସନ୍ତୀ ପୂଜାପଡ଼ିଆ ସଫା କରିବାର ଲକ୍ଷ୍ୟ ରଖିଛନ୍ତି। ସନ୍ଧ୍ୟାରେ ଭାଷା ଭିତ୍ତିକ ରାଜ୍ୟ ଗଠନର ୯୦ ବର୍ଷ ପୂର୍ତ୍ତିକୁ ନେଇ ୯୦ଟି ଦୀପ ପ୍ରଜ୍ୱଳିତ କରାଯିବ। ପରେ ଓଡ଼ିଶାର ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବ। ଦିବସ ପାଳନ ଆଭିମୁଖ୍ୟ ନେଇ ଉପସ୍ଥିତ ଅତିଥି ଓ ସଂଗଠନର ନେତୃତ୍ୱ ବକ୍ତବ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ବିଦ୍ୟାଳୟ ତରଫରୁ ଉତ୍କଳ ଦିବସ ଉପରେ ସାଙ୍କେତିକ ଉପସ୍ଥାପନା କରାଯିବ। ଓଡ଼ିଆ ଭାଷା ସଂସ୍କୃତି ନିମନ୍ତେ ନିଜର ଉତ୍ସର୍ଗିତ ସେବା ନିମନ୍ତେ ସହରର କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଉପଦେଷ୍ଟା ଅନିରୁଦ୍ଧ ବିଶ୍ୱାଳ, ସତ୍ୟବାନ ରାଉତ, ସାଧାରଣ ସମ୍ପାଦକ ସଞ୍ଜୀବ ନାୟକ, ସାଂଗଠନିକ ସମ୍ପାଦକ ଗୋପାଳ ଜେନା, ଯୁଗ୍ମ ସମ୍ପାଦକ ବିରଜା ନନ୍ଦ ତ୍ରିପାଠୀ, କୋଷାଧ୍ୟକ୍ଷ ଲୀନା ନାୟକ, ସାଂସ୍କୃତିକ ସମ୍ପାଦକ ପ୍ରିତିରାଣୀ ରାଉତ, ସମ୍ପାଦକ ପ୍ରତିଭା ପ୍ରିୟଦର୍ଶିନୀ, ସରୋଜ ନାୟକ, ପ୍ରଶାନ୍ତ ସାମଲ ସଂଯୋଜକ ଜିତେନ ମାଛଖଣ୍ଡ କାର୍ଯ୍ୟକାରୀ ସଦସ୍ୟ ଅଜୟ ପ୍ରସାଦ, ଲଳିତ ପ୍ରଧାନ ଓ ହେମଲତା ପ୍ରସାଦ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ରଘୁନାଥ ମାହାତୋଙ୍କ ଜନ୍ମବାର୍ଷିକୀ ଉତ୍ସବ

ରାଉରକେଲା,୨୧।୩(ସମିସ): କୁଡମାଲି ସାଂସ୍କୃତିକ କ୍ଷେତ୍ର ରାଉରକେଲା ଦ୍ୱାରା ମହାନ୍ ସ୍ୱାଧୀନତା ସଂଗ୍ରାମୀ ରଘୁନାଥ




ମାହାତୋଙ୍କ ୨୮୭ ତମ ଜନ୍ମବାର୍ଷିକୀ ଭଞ୍ଜ ଭବନ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଲକ୍ଷ୍ମଣ ମାହାତୋଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଯୋଡ଼ାବନ୍ଧ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଭାଷାବିଦ୍ ରୋହିତାଶ୍ୱ ମାହାତୋ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ଭାଷା, ସଂସ୍କୃତି ଏବଂ ପରମ୍ପରା ହେଉଛି ଜାତିର ପରିଚୟ। ସମାଜର ସଂସ୍କୃତି ଯେତେ ଶକ୍ତିଶାଳୀ, ସେତେ ସମୃଦ୍ଧ। ସହିଦ ରଘୁନାଥ ମାହାତୋ ତାଙ୍କ ସ୍ୱାଧୀନତା ଏବଂ ଗର୍ବର ସୁରକ୍ଷା ପାଇଁ ସାରା ଜୀବନ ସଂଘର୍ଷ କରିଥିଲେ। ଆମକୁ ମଧ୍ୟ ସେମାନଙ୍କ ଠାରୁ ପ୍ରେରଣା ନେବାକୁ ପଡିବ ଏବଂ ଆମ ଶରୀର, ମନ ଏବଂ ଟଙ୍କା ସହିତ ସମର୍ଥନ ଏବଂ ଲଢ଼ିବା ପାଇଁ ଆଗକୁ ଆସିବା ଉଚିତ ବୋଲି ସେ କହିଥିଲେ। ପ୍ରସିଦ୍ଧ ଝୁମର ଗାୟକ ସନ୍ତୋଷ ମାହାତୋ ଏବଂ ତାଙ୍କ ଦଳ ଝୁମର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର କୁଡମୀ ସମ୍ପ୍ରଦାୟର ଲୋକମାନେ ସହିଦ ରଘୁନାଥ ମାହାତୋ ଜୟନ୍ତୀରେ ଅଂଶଗ୍ରହଣ କରିଥିଲେ।

ମୁଖ୍ୟବକ୍ତା ଭାବେ ଚକ୍ରଧରପୁର ଜବାହରଲାଲ ନେହେରୁ କଲେଜର କୁଡମାଲି ଭାଷା ବିଭାଗର ମୁଖ୍ୟ ମାନସା ମାହାତୋ ଯୋଗଦେଇ କହିଥିଲେ ଯେ କୁଡମାଲି ଭାଷା ଏବଂ ସଂସ୍କୃତି ପ୍ରାଚୀନ ଏବଂ ମହାନ। ଝାଡ଼ଖଣ୍ଡ ଏବଂ ବଙ୍ଗଳା ପରି, ଓଡ଼ିଶାରେ ମଧ୍ୟ, ସେ ପ୍ରାଥମିକ ଶ୍ରେଣୀରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କୁଡମାଲି ଭାଷାର ଅଧ୍ୟୟନ ଏବଂ ନିଯୁକ୍ତି କ୍ଷେତ୍ରରେ ଏହାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଝୁମର ଗାୟକ ସନ୍ତୋଷ ମାହାତୋ ଓ ଲକ୍ଷ୍ମଣ ମାହାତୋ କୁଡମାଲି ସାଂସ୍କୃତିକ ଆଖଡ଼ାର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ମଧୁସୂଦନ ମାହାତୋ ସମ୍ପାଦକୀୟ ରିପୋର୍ଟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମଟି ସୁଭାଷ ମାହାତୋଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଏଥିରେ ଆଖଡ଼ାର କୁନୋକାନ୍ତ ମହାତୋ, ଧରଣୀଧର ମହାତୋ, ସୀତାରାମ ମହାତୋ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ଅଲ୍ ଓଡ଼ିଶା ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

ରାଉରକେଲା,୨୧।୩(ସମିସ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ)ର ତତ୍ତ୍ୱାବଧାନରେ ଆର୍‌ଏସ୍‌ପି ସ୍ପୋର୍ଟ୍ସ ୟୁନିଟ୍ ଦ୍ୱାରା ଆୟୋଜିତ ଓଡ଼ିଶା ରାଜ୍ୟ ଓପନ୍ ଏବଂ ଜୁନିଅର ୧୩ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ରୂପେ ଆର୍‌ଏସ୍‌ପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରିଆ ଏବଂ ସମ୍ମାନିତ ଅତିଥି ଭାବେ ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି.କେ ଜୋଜୋ ଯୋଗଦେଇଥିଲେ। ସହର ସେବା ବିଭାଗର ଜିଏମ ଇନଚାର୍ଜ ଟି.ଜି କାନେକର ଏବଂ ଏଓସିଏର ପୂର୍ବତନ ସଭାପତି ତଥା ପ୍ରତିଯୋଗିତା ନିର୍ଦ୍ଦେଶକ ଜି. ସି ମହାପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ବ୍ୟକ୍ତିମାନେ ଆନୁଷ୍ଠାନିକ ପ୍ରଦୀପ ପ୍ରଜ୍ୱଳନ ପରେ ଶ୍ରୀ ବେହୁରିଆ ଚାମ୍ପିଅନସିପ୍ ଉଦ୍‌ଘାଟନ ଘୋଷଣା କରିଥିଲେ।



ଟୁର୍ଣ୍ଣାମେଣ୍ଟର ଆରମ୍ଭ ଅବସରରେ ସେ ଚେସ୍ ବୋର୍ଡରେ ଗୋଟି ଚାଳନା କରିଥିଲେ। ଶ୍ରୀ ବେହୁରିଆ ଉଦ୍‌ଘାଟନୀ ବକ୍ତବ୍ୟରେ ଯୁବପିଢ଼ିଙ୍କୁ ଚେସ୍ ଭଳି ପ୍ରଭାବଶାଳୀ ମସ୍ତିଷ୍କ ଖେଳରେ ନିୟୋଜିତ କରିବା ପାଇଁ ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ ଆର୍‌ଏସ୍‌ପିର ଭୂମିକା ଉପରେ ଆଲୋକପାତ କରିଥିଲେ। ଶ୍ରୀ ଜୋଜୋ ତାଙ୍କ ଭାଷଣରେ ଖେଳାଳିମାନଙ୍କୁ ଚାମ୍ପିଅନସିପରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ଟି ଜି କାନେକର ସ୍ୱାଗତ ଭାଷଣ ଓ ଡେପୁଟି ମ୍ୟାନେଜର (କ୍ରୀଡା) ରଘୁନନ୍ଦନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାର୍ଚ୍ଚ ୨୩ ତାରିଖରେ ଶେଷ ହେବାକୁ ଥିବା ଚାମ୍ପିଅନସିପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୪୨ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ମ୍ୟାଚ୍ ଦୁଇଟି ବର୍ଗରେ ଖେଳାଯାଉଛି। ମୁକ୍ତ ବର୍ଗରେ ୧୦୬ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୧୩ ବର୍ଷରୁ କମ୍ ବୟସ ବର୍ଗରେ ୧୩୬ ଜଣ ଅଂଶଗ୍ରହଣ କରୁଛନ୍ତି। ଆର୍‌ଏସ୍‌ପିର କ୍ରୀଡା ବିଭାଗ ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ବାହାରସ୍ଥାନର ଖେଳାଳି ଏବଂ ଖେଳାଳିଙ୍କ ପିତାମାତା/ଅଭିଭାବକଙ୍କ ପାଇଁ ମାଗଣା ଛାତ୍ରାବାସ ରହଣି ବ୍ୟବସ୍ଥା କରାଯାଇଛି। ୮ ରାଉଣ୍ଡ ଟୁର୍ଣ୍ଣାମେଣ୍ଟ ସ୍ୱିସ୍ ସିଷ୍ଟମ ଅଧୀନରେ ଖେଳାଯାଉଛି।

# ତାଣ୍ଡବ ରଚିଲା କାଳବୈଶାଖୀ





ସୁନ୍ଦରଗଡ଼/ବାଲିଶଙ୍କରା, ୨୧।୩(ସମିସ)

ଶୁକ୍ରବାର ଅପରାହ୍ଣରେ ସୁନ୍ଦରଗଡ଼ ସବଡେଗା ଅଞ୍ଚଳ ଓ ବାଲିଶଙ୍କରା ବ୍ଲକର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ତାଣ୍ଡବ ଲୀଳା ରଚାଇଛି। ପ୍ରବଳ ବର୍ଷା ସାଙ୍ଗକୁ କ୍ଷୀପ୍ର ବେଗରେ ପବନ ବହିବା ଦ୍ୱାରା ଗଛ ଡାଳ ଭାଙ୍ଗି ଘର ସମେତ କୁଆପଥର ମାଡ଼ରେ ଫସଲ କ୍ଷତିଗ୍ରସ୍ତ ହୋଇଛି। ସୂଚନାନୁଯାୟୀ, ବାଲିଶଙ୍କରା ଭାଟିପଡ଼ାର ଲମ୍ବୋ କୁଜୁରଙ୍କ ଘର କ୍ଷତିଗ୍ରସ୍ତ ହେଇଛି। ପରିବାର ଲୋକ ଘରେଥିବା ବେଳେ କ୍ଷୀପ୍ର ବେଗରେ ପବନ ବହିବା ଦ୍ୱାରା ନିକଟସ୍ଥ ଏକ ଗଛର ଡାଳ ଭାଙ୍ଗି ତାଙ୍କ ଘର ଉପରେ ପଡ଼ିଥିଲା। ଭୟରେ ଲୋକେ ଘର ଭିତରେ ଥିବାବେଳେ ଅଳ୍ପକେ ସେମାନେ ବର୍ତ୍ତିଯାଇଥିଲେ। କାଳବୈଶାଖୀ ବର୍ଷାରେ ଘର ଭାଙ୍ଗି ଯାଇଥିବାବେଳେ ଲମ୍ବୋ କୁଜୁର ସରକାରୀ ଆର୍ଥିକ ସହାୟତା ପାଇଁ ଦାବି କରିଛନ୍ତି। କାଳବୈଶାଖୀ ଯୋଗୁଁ ବହୁ ଜାଗାରେ ବିଦ୍ୟୁତ୍ ତାର ଛିଡ଼ିବା ସହ ଗଛଗୁଡ଼ିକ ଭାଙ୍ଗି ପଡ଼ିଛି। ଏପରିକି କୁଆପଥର ମାଡ଼ରେ ପନିପରିବା କ୍ଷତିଗ୍ରସ୍ତ ହେବାରୁ ଚାଷୀକୁଳ ହତାଶ ଅବସ୍ଥାରେ ରହିଛନ୍ତି। ଖରାଟିଆ ପନିପରିବା ଯଥା ଭେଣ୍ଡି, ବାଇଗଣ, ଟମାଟୋ, ଲଙ୍କା, କଖାରୁ, ତରଭୁଜ, ମାଖନ, ପିଆଜ ଓ ରସୁଣ ଆଦି ପନିପରିବା କୁଆପଥର ମାଡ଼ରେ କ୍ଷତି ହୋଇଯାଇଛି। ପନିପରିବା ଚାଷରେ ରୋଜଗାର କରି ପରିବାର ପରିପୋଷଣ ଆଶାନେଇ ଧାରକରଜ କରି ଚାଷୀମାନେ ଚାଷ କାର୍ଯ୍ୟ କରିଥିଲେ। ହେଲେ

**● ଗଛ ଡାଳ ପଡ଼ି ଘର କ୍ଷତିଗ୍ରସ୍ତ**
**● କୁଆପଥର ମାଡ଼ରେ ପନିପରିବା ଚାଷ ନଷ୍ଟ**

ହଠାତ କୁଆପଥର ମାଡ଼ ଯୋଗୁଁ ପନିପରିବା ଚାଷ ପ୍ରଭାବିତ ହୋଇଛି। ଅପରପକ୍ଷେ ଆଦିବାସୀ ବହୁଳ ଅଞ୍ଚଳ ବାଲିଶଙ୍କରା ବ୍ଲକରେ ମହୁଲଫୁଲ ସଂଗ୍ରହ କରି ତାକୁ ବିକ୍ରି କରି ଜୀବନ ଜୀବିକା ନିର୍ବାହ କରୁଥିବାବେଳେ ତାହା ମଧ୍ୟ ପ୍ରବଳ ପବନସ୍ରୋତ, ବର୍ଷା ସାଙ୍ଗକୁ କୁଆପଥର ମାଡ଼ରେ ତାର ମଞ୍ଜି ଧୋଇ ହୋଇ କ୍ଷତି ହୋଇଯିବାରୁ ମହୁଲଫୁଲ ମଧ୍ୟ ଆଉ ପଡ଼ିବାର ଆଶା ନାହିଁ। ଯାହାଫଳରେ ଆର୍ଥିକ ପରିସ୍ଥିତି ଅତି ଶୋଚନୀୟ ହୋଇଯାଇଛି। ଫସଲ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ଚାଷୀକୁଳକୁ ସରକାରୀ ସହାୟତା ଦେବା ପାଇଁ ଚାଷୀ ମହଲରେ ଦାବି ହେଉଛି। ସେହିପରି ସବଡେଗା ଅଞ୍ଚଳରେ ହଠାତ ବର୍ଷା ପବନ ମାଡ଼ି ଆସିବା ସହ କୁଆ ପଥର ମଧ୍ୟ ବୃଷ୍ଟି ହୋଇଥିଲା। ଏପରି ଅଦିନିଆ ବର୍ଷା ସହିତ କୁଆପଥର ବୃଷ୍ଟି ଯୋଗୁଁ ପନିପରିବା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ବିଶେଷ କରି ସମ୍ପ୍ରତି ଏଠାରେ ଟମାଟୋ କିଲୋ ମାତ୍ର ୫ରୁ ୮ ଟଙ୍କା ରହିଥିବାରୁ ଚାଷୀ ଘୋର୍‌କ୍ଷତିର ସମ୍ମୁଖୀନ ହେଉଥିବା ବେଳେ କୁଆ ପଥର ବୃଷ୍ଟି ପନିପରିବା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

## ଥମୁନି ବାଲି ଚୋରି, ୪ ଟ୍ରାକ୍ଟର ଜବତ

**ସୁନ୍ଦରଗଡ଼, ୨୧।୩(ସମିସ):** ବହୁ ଦିନର ଦାବିରେ ପ୍ରଶାସନ ବାଲି ଚୋରି କାରବାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଅଣ୍ଟା ଭିଡ଼ିଛି। ଖଣି ବିଭାଗ, ରାଜସ୍ୱ ବିଭାଗ, ବିଭିନ୍ନ ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ ପକ୍ଷରୁ ଘନ ଘନ ଚଢ଼ଉ ଚାଲିଛି। ତଥାପି ସୁନ୍ଦରଗଡ଼ରେ ବାଲି ଚୋରି ଥମିବାର ନାଁ ଧରୁନାହିଁ। ଗୁରୁବାର ଭଷ୍ମା ଥାନା ପୁଲିସ ଘଣ୍ଟିମାଲ ରାସ୍ତାରେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଧରି ଦର୍ଲିପାଲି ବିଟ୍ ହାଉସରେ ଅଟକ ରଖିଛି। ସେହିପରି ବୁଧବାର ସଦର ଉପ ଜିଲ୍ଲାପାଳ ଦାଶରଥି ସରାବୁଙ୍କ ନେତୃତ୍ୱରେ ସଦର ତହସିଲଦାର ଓ ସ୍ୱତନ୍ତ୍ର ସ୍କ୍ୱାଡ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ନିକଟରୁ ଚୋରା ବାଲି ନେଇ ଯାଉଥିବା ୪ଟି ଟ୍ରାକ୍ଟର ଜବତ କରିଥିବା ଜଣାପଡ଼ିଛି।

## ଗ୍ରାହକ ସେବାକେନ୍ଦ୍ରରୁ ଚୋରି ଉଦ୍ୟମ

**ବାଲିଶଙ୍କରା, ୨୧।୩(ସମିସ):** ତଲସରା ଥାନା ଅଧୀନ ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଥିବା ନେଇ ଅଭିଯୋଗ ହୋଇଛି। ସେବାକେନ୍ଦ୍ରର ଲୁହାଗ୍ରିଲ୍ କବାଟକୁ କଟର, ଶାବଳ ଓ ଛେଣିରେ କାଟି ଚୋରି ଉଦ୍ୟମ ବେଳେ ଘଟଣାସ୍ଥଳରେ ଗ୍ରାହକ ସେବା କେନ୍ଦ୍ରର ମାଲିକ ସେବାକର ମହାକୁଳ ଓ ପରିବାର ଲୋକେ ପହଞ୍ଚିବା ଦେଖି ଚୋର ଚମ୍ପଟ ମାରିଥିଲା। ଏନେଇ ସେ ତଲସରା ପୁଲିସକୁ ଖବର ଦେଇଥିଲେ। ପ୍ରକାଶ ଥାଉକି ଗତ ଡିସେମ୍ବର ୪ ତାରିଖରେ ମଧ୍ୟ ଚୋରି ହୋଇଥିଲା। ଗ୍ରାହକ ସେବାକେନ୍ଦ୍ରରୁ ଭେଣ୍ଟିଲେଟର ଭାଙ୍ଗି ଟଙ୍କା ସହ ଅନ୍ୟାନ୍ୟ ଯାନ୍ତ୍ରିକ ସାମଗ୍ରୀ ଜିନିଷ ଚୋରିକରି ନେଇଯାଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରାଯାଇଥିଲା। ତଲସରା ଥାନାର ୨୦୦ ମିଟର ମଧ୍ୟରେ ଗୋଟିଏ ଜାଗାରୁ ୨ ଥର ଚୋରି ହେବା ଘଟଣା ପୁଲିସ ଉପରେ ଜନସାଧାରଣଙ୍କ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ଓଲଟିଲା ସ୍କୁଲ ବସ୍, ୧୧ ଛାତ୍ରଛାତ୍ରୀ ଆହତ

**ସୁନ୍ଦରଗଡ଼, ୨୧।୩(ସମିସ):** ଧରୁଆଡିହି ଥାନା ଅଧୀନ ସଲଙ୍ଗାବୁଡ଼ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ସ୍କୁଲ ବସ୍ ଓଲଟି ପଡ଼ିବାରୁ ୧୧ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ସ୍କୁଲ ଛୁଟି ପରେ ବସ୍‌ରେ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଘରକୁ ଛାଡ଼ିବାକୁ ଯାଉଥିବା ବେଳେ ସଲଙ୍ଗାବୁଡ଼ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ୧୧ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ନେଇ ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ତୁରନ୍ତ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ସୁନ୍ଦରଗଡ଼, ୨୧।୩(ସମିସ):** ସୁନ୍ଦରଗଡ଼ ସଦର ଥାନା ଅଧୀନ କୁର୍ଗା ଗ୍ରାମର ଜଣେ ମହିଳା ତାଙ୍କ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ଗୌରୀ ରୋହିଦାସ (୫୬)। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବଜାଜ୍ ଫିନସର୍ଭ ପ୍ରଶିକ୍ଷଣ ଯୋଜନା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୨୧।୩(ସମିସ):** ସରକାରୀ ମହିଳା ମହାବିଦ୍ୟାଳୟ ଆନୁକୂଲ୍ୟରେ ବଜାଜ ଫିନସର୍ଭ ପ୍ରଶିକ୍ଷଣ ଯୋଜନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବଜାଜ ଫିନସର୍ଭର ମୁକୁନ୍ଦ ମାଝୀ ଓ ମେରୀ ପୁଷ୍ପା କୁଜୁର୍ ଅତିଥି ଭାବେ ଯୋଗଦେଇ ବଜାଜ ଫିନସର୍ଭର ବିଭିନ୍ନ ତଥ୍ୟ ଉପରେ ପରିଚୟ ଏବଂ ପ୍ରଶିକ୍ଷଣ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସଞ୍ଜିତା ଅଭିଜିତା ଛାତ୍ରୀମାନଙ୍କ ସହ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା କରାଇଥିଲେ। ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଡ. ମୋନାଲିସା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ଛାତ୍ରୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

## ଧରୁଆଡିହି ଥାନାରେ ନୂତନ ଆଇଆଇସି



**ସୁନ୍ଦରଗଡ଼, ୨୧।୩(ସମିସ):** ଧରୁଆଡିହି ଥାନା ଆଇଆଇସି ଭାବେ ଇନ୍ସପେକ୍ଟର ସୌଦାମିନୀ ନାଗ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଆଇଆଇସି ସଂଯୁକ୍ତା ସାହୁଙ୍କ ଠାରୁ ସେ ଦାୟିତ୍ୱ ନେଇଛନ୍ତି। ଆଇଆଇସି ଶ୍ରୀମତି ସାହୁଙ୍କ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିବା ବେଳେ ନୂତନ ଆଇଆଇସି ସୌଦାମିନୀ ଝାରସୁଗୁଡା ଜିଆରପି ଥାନାରୁ ବଦଳି ହୋଇଆସିଛନ୍ତି। ତାଙ୍କ ସବ ଇନ୍ସପେକ୍ଟର କାର୍ଯ୍ୟକାଳ ମଧ୍ୟରେ ସୁନ୍ଦରଗଡ଼ ଟାଉନ, ଭଷ୍ମା, ଲେଫ୍ରିପଡ଼ା ଆଦି ବିଭିନ୍ନ ଥାନାରେ ଦକ୍ଷତାର ସହ କାର୍ଯ୍ୟ ତୁଲାଇଥିଲେ। ଇନ୍ସପେକ୍ଟର ଭାବେ ପଦୋନ୍ନତି ପରେ ସେ ଏହି ଜିଲ୍ଲାରୁ ବିଦାୟ ନେଇଥିଲେ। ଏବେ ଆଇଆଇସି ଭାବେ ଧରୁଆଡିହି ଥାନାରେ ଯୋଗ ଦେଇଥିବାରୁ ଏହି ପୁଲିସ ଜିଲ୍ଲାରେ ତାଙ୍କ ପୂର୍ବ ଅଭିଜ୍ଞତା ବଳରେ ଅପରାଧ ନିୟନ୍ତ୍ରଣରେ ସଫଳ ହେବେ ବୋଲି ଆଶା କରାଯାଉଛି।

## ସୁନ୍ଦରଗଡ଼ ବନଖଣ୍ଡ ପକ୍ଷରୁ ବିଶ୍ୱ ବନ ଦିବସ

**ସୁନ୍ଦରଗଡ଼, ୨୧।୩(ସମିସ):** ସୁନ୍ଦରଗଡ଼ ବନଖଣ୍ଡ ପକ୍ଷରୁ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର ସକାଳେ ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ, ଧର୍ମଶାଳା ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ରାଲିକୁ ବନଖଣ୍ଡ ଅଧିକାରୀ ଶ୍ରୀ ମିରାସେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପୂର୍ବାହ୍ନରେ ବନଖଣ୍ଡ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭାଗୀୟ କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜନପ୍ରତିନିଧିମାନଙ୍କୁ ନେଇ ବନଖଣ୍ଡ କାର୍ଯ୍ୟାଳୟର ସଭାଗୃହରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସଭାରେ ଜିଲ୍ଲା ଅଗ୍ନିଶମ ଅଧିକାରୀ ଅଜୟ ବରାଡ, ଜିଲ୍ଲା ସହକାରୀ ଚିକିତ୍ସା ଧିକାରୀ ଡା. ଭକ୍ତମୋହନ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲ୍ଲା ସହକାରୀ ପଶୁ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତାରାଣୀ ଭୂପତି, ସହକାରୀ ବନ ସଂରକ୍ଷକ ରମେଶ ବିଶ୍ନୋଇ, ସହକାରୀ ବନ ସଂରକ୍ଷକ ରାଜକୁମାର ସେଠୀ, ସହକାରୀ ସଂରକ୍ଷକ ମାନସ ମୁର୍ମୁ ପ୍ରମୁଖ ପରିବେଶ, ବନ୍ୟଜନ୍ତୁ ଏବଂ ଜଙ୍ଗଲ ସୁରକ୍ଷା ଏବଂ ବନାଗ୍ନି ନିୟନ୍ତ୍ରଣକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ବନୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ସୁନ୍ଦରଗଡ଼ ଉପଖଣ୍ଡର ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ବଣାଇ ଉପଖଣ୍ଡର ଅବୋଧ କୁମାର ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ପାନପୋଷ ଉପଖଣ୍ଡର ଜାଗୃତି ଉଚ୍ଚ ବିଦ୍ୟାଳୟକୁ ମାନପତ୍ର, ଉତ୍ତରୀୟ ସହିତ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ସୁନ୍ଦରଗଡ଼ ଉପଖଣ୍ଡର ସାଗଜୋରି ପଞ୍ଚାୟତ, ବଣାଇ ଉପଖଣ୍ଡର କେନ୍ଦ୍ରିକେଲା ପଞ୍ଚାୟତ ଏବଂ ପାନପୋଷ ଉପଖଣ୍ଡର ଜଡାକୁଦର ପଞ୍ଚାୟତ ମଧ୍ୟ ସମ୍ମାନିତ ହୋଇଥିଲେ। ଏହି ପଞ୍ଚାୟତଗୁଡ଼ିକୁ ମଧ୍ୟ ମାନପତ୍ର ସହିତ ୨୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବନ୍ୟଜନ୍ତୁ ସୁରକ୍ଷା ଏବଂ ବିଭାଗୀୟ ଉତ୍ତମ ସମନ୍ୱୟ ରକ୍ଷା ନିମନ୍ତେ କିଞ୍ଜିରିକେଲା ଥାନାର ସହକାରୀ ସବ୍ ଇନ୍ସପେକ୍ଟର ବନିସନ ନାଏକ, ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଏବଂ ବନାଗ୍ନି ନିୟନ୍ତ୍ରଣ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଉଜ୍ଜଳପୁର ବନାଞ୍ଚଳର ସୁରକ୍ଷା କର୍ମୀ ମାଂଟୁ କୁଜୁର, ଲେଫ୍ରିପଡ଼ା ବନାଞ୍ଚଳର ସୁରକ୍ଷା କର୍ମୀ ସୁବିର ମିଞ୍ଜ, ହେମଗିରି ବନାଞ୍ଚଳର ସୁରକ୍ଷା କର୍ମୀ ସୁଧୀର ମୈତ୍ରୀ, ଗୋପାଳପୁର ବନାଞ୍ଚଳର ବନ ସୁରକ୍ଷାକର୍ମୀ ଦୂର୍ଗା ସେନାପତି, ବନରକ୍ଷୀ ତ୍ରିଦେବୀ ଜୟପୁରିଆ ଏବଂ ଲେଫ୍ରିପଡ଼ା ବନାଞ୍ଚଳର ବନରକ୍ଷୀ ଅନୁସୂୟା ସେଠ, ଶୀତ ଋତୁରେ ପକ୍ଷୀ ଗଣନା କାର୍ଯ୍ୟରେ ନିଷ୍ଠାପରତାର ସହିତ କାର୍ଯ୍ୟ ସମ୍ପାଦନ ନିମନ୍ତେ ବନପାଳ ରାଜୀବଲୋଚନ ପଟେଲ, ଉଲ୍ଲାସ ପଟେଲ ଏବଂ ବନରକ୍ଷୀ କିରଣ ମହାନନ୍ଦ ଓ ରଜନୀ ଭୋଇ ସମ୍ମାନିତ ହୋଇଥିଲେ। ଶେଷରେ ସହକାରୀ ବନ ସଂରକ୍ଷକ ନସ ମୁର୍ମୁ ଧନ୍ୟବାଦ ଦେଇଥିଲେ। ଗୋପାଳପୁର ବନାଞ୍ଚଳ ଅଧିକାରୀ ହରିହର ପାତ୍ର, ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ବଡ଼ଗାଁ ବନାଞ୍ଚଳ ଅଧିକାରୀ ପ୍ରଦୀପ ଭୁତିଆ, ଲେଫ୍ରିପଡ଼ା ବନାଞ୍ଚଳ ଅଧିକାରୀ ଅଶ୍ୱିନୀ ପଟେଲ, ହେମଗିରି ବନାଞ୍ଚଳ ଅଧିକାରୀ ପ୍ରକାଶ ପଟେଲ ଓ ସୁନ୍ଦରଗଡ଼ ବନାଞ୍ଚଳ ଅଧିକାରୀ ଉମାଶଙ୍କର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## କୁତ୍ରା ଲ୍ୟାମ୍ପସର ୫୦ତମ ବାର୍ଷିକ ସାଧାରଣ ସଭା

**କୁତ୍ରା, ୨୧।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନରେ ଥିବା କୁତ୍ରା ଲ୍ୟାମ୍ପସର ୫୦ତମ ବାର୍ଷିକ ସାଧାରଣ ସଭା ଶୁକ୍ରବାର ଲିଟିବେଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଭା ଲ୍ୟାମ୍ପସର ସଭାପତି ମଙ୍ଗଳ କୁଜୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜଗାଙ୍ଗପୁର ସମବାୟ ବ୍ୟାଙ୍କ ମେନେଜର ଦୀଲିପ କୁମାର ତନ୍ତି ଯୋଗଦେଇଥିଲେ। ଏମଡି ସତ୍ୟ ନାରାୟଣ ମିଶ୍ର ୨୦୨୪/୨୫ ବର୍ଷର ବ୍ୟୟଅଟକଳ ଓ ଓଡିଟ ରିପୋର୍ଟ ପଠନ କରିବା ସହିତ ୨୦୨୫ ଓ ୨୬ ବର୍ଷ ପାଇଁ ଲ୍ୟାମ୍ପସ ପକ୍ଷରୁ କରାଯାଇଥିବା ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସଭାରେ କଟଙ୍ଗ ସରପଞ୍ଚ ପୁଷ୍ପା କେରକେଟା, ସାମ୍ବାଦିକ ପଙ୍କଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ମନ୍ତବ୍ୟ ରଖିଥିଲେ। ସଭାରେ କୁତ୍ରା ଲ୍ୟାମ୍ପସ ଡାଇରେକ୍ଟର କିଷମଣି ପଟେଲ, ଗୋବିନ୍ଦ ଖର୍ସେଲ, ରାଜେଶ କୁଆରଦା, ତ୍ରିଲୋଚନ ମିଞ୍ଜ, ହିଲାରୁସ ମାଝୀ, ବିମଳା ଏକ୍କା, ମୁରଲି ମାଝୀ, ମହେଶ୍ୱର ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବିଭିନ୍ନ ଏସଏଚଜି ଗ୍ରୁପ୍ ଓ ଚାଷୀମାନଙ୍କୁ ଋଣ ଚେକ ଓ ପାସ ବହି ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ଲ୍ୟାମ୍ପସ ଡାଇରେକ୍ଟର କିଷମଣି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକକ ବ୍ୟବହାର ପ୍ଲାଷ୍ଟିକମୁକ୍ତ ବିଦ୍ୟାଳୟ ପାଇଁ ଦସ୍ତଖତ ଅଭିଯାନ



**କୁତ୍ରା, ୨୧।୩(ସମିସ):** ସାମ୍ପ୍ରତିକ ସମୟରେ ପ୍ଲାଷ୍ଟିକ୍ ଆବର୍ଜନା ପରିବେଶ ପ୍ରଦୂଷଣ ଏକ ମୁଖ୍ୟ କାରଣ ତଥା ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁଁ ଦିନକୁ ଦିନ ପରିବେଶ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି। ଏହି ପ୍ରଦୂଷଣ ପରିବେଶ ସନ୍ତୁଳନ ବିପର୍ଯ୍ୟସ୍ତ କରିବା ସଙ୍ଗେସଙ୍ଗେ ଜୈବ ବିବିଧତା ଉପରେ ମଧ୍ୟ କୁପ୍ରଭାବ ସୃଷ୍ଟି କରିଛି। ଯଦି ପ୍ଲାଷ୍ଟିକ ଆବର୍ଜନାକୁ କମ୍ କରା ନ ଯାଏ, ତାହେଲେ ପୃଥିବୀର ଅସ୍ତିତ୍ୱ ସଙ୍କଟରେ ପଡ଼ିଯିବାର ରହିଛି। ଏହି ପରିପ୍ରେକ୍ଷୀରେ କୁତ୍ରା ବ୍ଲକ ଅଧୀନ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଓ ଏନର୍ଜି କ୍ଲବ ଆନୁକୂଲ୍ୟରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ ବିଦ୍ୟାଳୟ ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଇକୋକ୍ଲବ ଇନ୍‌ଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଓ ଏନର୍ଜି କ୍ଲବ ଇନ୍‌ଚାର୍ଜ ଶିକ୍ଷକ ତୁଷାର ତାଣ୍ଡିଙ୍କ ମିଳିତ ପ୍ରଚେଷ୍ଟାରେ ବିଦ୍ୟାଳୟରେ ଏହି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ପ୍ରଧାନଶିକ୍ଷକ ଅମରେଶ ସାହୁ ବିଦ୍ୟାଳୟକୁ ଏକକ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଆଗେଇ ଆସିବା ପାଇଁ ଆହ୍ୱାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବୋଇଲେକ୍ଷ କିଶାନ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀକାନ୍ତ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଦ୍ୟାଳୟକୁ ସବୁଜ ସୁନ୍ଦର ତଥା ପ୍ଲାଷ୍ଟିକ ମୁକ୍ତ କରିବା ଉଦ୍ଦେଶ୍ୟରେ ଶ୍ରୀମତୀ ପାଢ଼ୀ ଓ ଶ୍ରୀ ତାଣ୍ଡି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକକ ପ୍ଲାଷ୍ଟିକକୁ ନାଁ ସନ୍ଦର୍ଭରେ ପୋଷ୍ଟର ତିଆରି ପ୍ରତିଯୋଗିତାର ଆୟୋଜନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ସଚେତନତା ଉପରେ ଅଭିନବ ପୋଷ୍ଟର କରି ସମସ୍ତଙ୍କୁ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ସବୁଜ ଶପଥ ପାଠ କରିଥିଲେ। ବିଦ୍ୟାଳୟକୁ ଏକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କୁତ୍ରା ବ୍ଲକର ସିଆରସିସି ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଦୁଇ ଗାଡ଼ି ମୁହାଁମୁହିଁ ଧକ୍କା; ଜଣେ ମୃତ

**ବାଲିଶଙ୍କରା, ୨୧।୩(ସମିସ):** ତଲସରା ଥାନା ଅଧୀନ ଘୋଘର ପତ୍ରଫଡ଼ି ନିକଟରେ ଭ୍ୟାନ୍-ପିକଅପ୍ ମୁହାଁମୁହିଁ ଧକ୍କା ହେବାରୁ ଭ୍ୟାନ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁସୁମୁରା ପଞ୍ଚାୟତ ଝାରମୁଣ୍ଡା ଗ୍ରାମର ଗୌନ୍ତିଆ ଜଗଦୀଶ କର (୫୦)। ସୂଚନା ଅନୁସାରେ କୌଣସି କାମରେ ବାଲିଶଙ୍କରାକୁ ଆସି ଜଗଦୀଶ ଭ୍ୟାନରେ ଘରକୁ ଫେରୁଥିବାବେଳେ ଘୋଘର ପତ୍ରଫଡ଼ି ନିକଟରେ ସାମ୍ନା ପଟୁ ଆସୁଥିବା ଏକ ପିକଅପ୍ ଗାଡ଼ି ସହ ତାଙ୍କ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଥିଲା। ତୁରନ୍ତ ଗ୍ରାମବାସୀ ତାଙ୍କୁ ଉଦ୍ଧାର ଡାକ୍ତରଖାନାକୁ ନେଇଥିଲେ। ସବଡେଗା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ଆସନ୍ତାକାଲି(ଶନିବାର) ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛି। ଏହାସହ ପୁଲିସ ଘଟଣାର ଅଧିକରୁ ଅଧିକ ତଦନ୍ତ ଚଳାଇଛି।



**ମାଦ୍ରୀ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରସଙ୍ଗ**

# ‘ଓଡ଼ିଶା ସରକାର ଶୁଣୁନାହାନ୍ତି, ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ’

ସୁନ୍ଦରଗଡ଼, ୨୧।୩(ସମିସ)




ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ମହାସମାଜ ସୁନ୍ଦରଗଡ଼ ଜିଲ୍ଲାର କେନ୍ଦ୍ରୀୟ କମିଟି କର୍ମକର୍ତ୍ତା ଶୁକ୍ରବାର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ ଏବଂ ସୁନ୍ଦରଗଡ଼ ମେଡିକାଲ କଲେଜକୁ ତାଙ୍କ ନାମରେ ନାମିତ କରିବା ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଭୂୟାଁ ମହାସମାଜ ପକ୍ଷରୁ ଅନେକ ଥର ଦାବି କରାଯାଇଛି। ସମାଜର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ବେଳେ ଉପବାଚସ୍ପତିଙ୍କୁ ପତ୍ର ମଧ୍ୟ ଲେଖିଛନ୍ତି। ତଥାପି କୌଣସି ସୁଫଳ ମିଳିନାହିଁ। ଏଣୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସରକାର ସିଧାସଳଖ ହସ୍ତକ୍ଷେପ କରି ଏ ପ୍ରସଙ୍ଗରେ ତ୍ୱରିତ ପଦକ୍ଷେପ ନିଅନ୍ତୁ ବୋଲି ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ସୁନ୍ଦରଗଡ଼ର ଜନଜାତିଙ୍କୁ ଉଚିତ୍ ସମ୍ମାନ ନ ମିଳିଲେ ଆଗାମୀ ଦିନରେ ନିଶ୍ଚିତ ଭାବେ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲାର ତତ୍କାଳୀନ ଗାଙ୍ଗପୁର ଷ୍ଟେଟରେ ଗାଙ୍ଗପୁର ବିଦ୍ରୋହର ଜନନାୟକ ଭୂୟାଁ ଆଦିବାସୀ ବୀର ମାଦ୍ରି କାଲୋ ବ୍ରିଟିଶ ବିରୁଦ୍ଧରେ ଲଢ଼େଇ କରିଥଲେ। ବେଆଇନ କର ବେଠି ଶ୍ରମିକ, ଆଦିବାସୀଙ୍କୁ ଶୋଷଣ ବିରୁଦ୍ଧରେ ବୀର ମାଦ୍ରି କାଲୋ ସୁନ୍ଦରଗଡ଼ ମାଟିର ଅଧିବାସୀ ଆଦିବାସୀ ଜନଜାତିଙ୍କୁ ମେଳିକରି ଲଢିଥିଲେ। ସେ ତାଙ୍କ ଜନ୍ମମାଟି ବଡ଼ଗାଁ ବ୍ଲକର କୁରେଇବଗା ନିକଟସ୍ଥ ମହାବୀର ପର୍ବତକୁ ସଂଗ୍ରାମର ପେଣ୍ଠସ୍ଥଳ ଭାବେ କରି ସେହିଠାରୁ ଲଢ଼େଇ କରୁଥିଲେ। ତାଙ୍କ ସଂଗ୍ରାମ ଫଳରେ ଇଂରେଜ ସରକାର ଅତିଷ୍ଠ ହୋଇ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଥିଲେ। ତାଙ୍କୁ ଦମନ କରିବା ପାଇଁ ବ୍ରିଟିଶ ଶାସନ ଚେଷ୍ଟା କରି ଅସଫଳ ହେବାରୁ ୧୮୯୭ ରୁ ୧୯୦୬ ପର୍ଯ୍ୟନ୍ତ ପ୍ରଥମେ ରାଞ୍ଚି ଜେଲ୍ ଓ ପରେ ହଜାରୀବାଗରେ ବନ୍ଦୀ କରି ରଖାଯାଇଥିଲା। ଦେଶ ସ୍ୱାଧୀନତାରେ ତାଙ୍କ ଏତେ ବଳିଦାନ ସତ୍ତ୍ୱେ ସରକାର ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ଦେଇନାହାନ୍ତି ବୋଲି ଅଭିଯୋଗ ହେଉଛି। ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନ ଦେଇଥିଲେ ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାକୁ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ହେଉଛି। କେନ୍ଦ୍ର ସରକାର ସ୍ୱାଧୀନତାର ଅମୃତ ମହୋତ୍ସବରେ ମାଦ୍ରି କାଲୋଙ୍କୁ ସ୍ଥାନ ଦେଇ ସମ୍ମାନ ଦେଇଛନ୍ତି। କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରସଙ୍ଗରେ ନୀରବ ରହିଛନ୍ତି। ଜିଲ୍ଲାର ଭାବାବେଗ ଓ ସ୍ୱାଭିମାନକୁ ସମ୍ମାନ ଦେଇ ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାର ସିଧାସଳଖ ହସ୍ତକ୍ଷେପ କରିବା ସକାଶେ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଅମାତ, ସମ୍ପାଦକ ରାମ ଚନ୍ଦ୍ର ଅମାତ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମାଝୀ, ସଂଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୁରୁ, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ, ଗୋବର୍ଦ୍ଧନ ନାଏକ, କ୍ଷେତ୍ରମଣି ନାଏକ, କ୍ଷେତ୍ରମଣି ଦେହୁରୀ, ଗୌତମ କାଲୋ, ଯୋଗେଶ୍ୱର ମାଝୀ, ଭୋଜରାଜ ମାଝୀ, କୈଳାସ ଡନସନା ପ୍ରମୁଖ ଦାବି ଜଣାଇଛନ୍ତି।

## ବିଭିନ୍ନ ସମସ୍ୟାର ସମାଧାନ ନେଇ ବ୍ଲକ୍‌ସ୍ତରୀୟ ସମ୍ମିଳନୀ

**ସୁନ୍ଦରଗଡ଼, ୨୧।୩(ସମିସ):** ସୁନ୍ଦରଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ବ୍ଲକସ୍ତରୀୟ ସମ୍ମିଳନୀ ରଙ୍ଗିଆମୁଣ୍ଡା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେବକର ସମ୍ପାଦକ ପ୍ରଦୀପ ବ୍ରହ୍ମ ସ୍ୱାଗତ ଅଭିଭାଷଣ ରଖିଥିଲେ। ବରିଷ୍ଠ ସାମାଜିକ କାର୍ଯ୍ୟକର୍ତ୍ତା ଚକ୍ରଧର ପୃଷେଠ ଜଳ, ଜମି, ଜଙ୍ଗଲ ପରି ପ୍ରାକୃତିକ ତଥା ସାଧାରଣ ସମ୍ପତ୍ତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିବା ବେଳେ ଏହାର ଆପୋଷ ସମାଧାନ ପାଇଁ ଦଳଗତ ଆଲୋଚନା କରାଯାଇଥିଲା। ସେବକର ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ବେଦବ୍ୟାସ ଧୃଆ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଉପରେ ଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ କହିଥିଲେ। ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ଗୋଷ୍ଠୀ ଭିତ୍ତିକ ସମସ୍ୟାର ସମାଧାନ ପାଇଁ ବହୁବିଧ କାର୍ଯ୍ୟକାରୀ ମଞ୍ଚ ଉପରେ ଆଲୋକପାତ କରିବା ସହିତ ନିକଟ ଭବିଷ୍ୟତରେ ପ୍ରତ୍ୟେକ ବ୍ଲକସ୍ତରରେ ଗୋଟିଏ ଲେଖାଏଁ ସକ୍ରିୟ ବ୍ଲକସ୍ତରୀୟ ଫୋରମ ଗଠନ କରାଯିବ ବୋଲି ସୂଚନା ଦେଇଥିଲେ। ସବୁଜ ସ୍ମୃତି ଅଭିଯାନରେ ବିଭିନ୍ନ ସ୍ମରଣୀୟ ଦିବସରେ ଚାରାରୋପଣ କରିବା, ବୃକ୍ଷ ରକ୍ଷା ବନ୍ଧନରେ ଗଛକୁ ରାକ୍ଷୀ ବାନ୍ଧି ଏହାର ଆଜୀବନ ସୁରକ୍ଷା ନେବା, ଜୈବ ଆର୍ଥିକ ଚକ୍ର ପଦ୍ଧତି, ବିହନ ବଲ୍ ପ୍ରସ୍ତୁତ କରିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସମ୍ପ୍ରତି ଧାନବିଲ ଓ ଜଙ୍ଗଲ ନିଆଁ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିବା ବେଳେ ଘରେ ଘରେ ଏଥି ନିମନ୍ତେ ବ୍ୟାପକ ସଚେତନତା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଶେଷରେ ଜଙ୍ଗଲ ଓ ଧାନବିଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ସାମୂହିକ ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଟାଙ୍ଗରପାଲି, ଲେଫ୍ରିପଡ଼ା, ସୁନ୍ଦରଗଡ଼ ଓ ବାଲିଶଙ୍କରା ବ୍ଲକର ୩୦୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ, ଚାଷୀ, ମହିଳା, ପଞ୍ଚାୟତିରାଜ ପ୍ରତିନିଧି, ସାମାଜିକ ନେତୃବର୍ଗ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା କୃଷକ ସଂଗଠନର ସଭ୍ୟସଭ୍ୟା ମାନେ ଯୋଗଦେଇଥିଲେ। ସାଧାରଣ ସମ୍ପତ୍ତି ହେଉଛି ଗୋଷ୍ଠୀ ତଥା ସମ୍ପ୍ରଦାୟ ମଧ୍ୟରେ ସାମୂହିକ ଭାବରେ ମାଲିକାନା ଅଥବା ଅଂଶୀଦାର ସମ୍ପଦ। ଏହି ସମ୍ପଦଗୁଡ଼ିକ ଜଙ୍ଗଲ, ଜଳାଶୟ, ଚରାଭୂମି ଏବଂ ମତ୍ସ୍ୟଜୀବୀ ପରି ପ୍ରାକୃତିକ ଉପାଦାନ ଏବଂ ସାମୁହିକ ସ୍ଥାନ, ସାଧାରଣ ଜ୍ଞାନ ଏବଂ ଡିଜିଟାଲ୍ କମନ୍ସ ପରି ସାଂସ୍କୃତିକ ସମ୍ପଦ ଅନ୍ତର୍ଭୁକ୍ତ ହୋଇପାରେ।

# ଜଡ଼ାପାଲ ଗ୍ରାମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



**ବୌଦ୍ଧ, ୨୧।୩ (ସମିସ):** ବୌଦ୍ଧ ବ୍ଲକ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତର ଜଡ଼ାପାଲ ଗ୍ରାମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ୍ ଯୋଗ ଦେଇଥିଲେ। ଶ୍ରୀ ଅମାତଙ୍କ ସହ ସରପଞ୍ଚ ଅରୁଣ ବାଘ, ସମିତି ସଭ୍ୟ ସୁମନ୍ତ ସାହୁ ଯୋଗ ଦେଇଥିଲେ।

# ବୌଦ୍ଧ ଗସ୍ତରେ ଏଆଇସିସି ସମ୍ପାଦିକା ରୋଜାଲିନ୍ ତୀର୍କି

**ବୌଦ୍ଧ, ୨୧।୩(ସମିସ):** ଭାରତୀୟ ଜାତୀୟ କଂଗ୍ରେସ କମିଟିର ସମ୍ପାଦିକା ତଥା ଓଡ଼ିଶା ରାଜ୍ୟ କଂଗ୍ରେସର ସହ ପ୍ରଭାରୀ ରୋଜାଲିନ୍ ତୀର୍କି ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ସଭାପତି ନବ ମିଶ୍ରଙ୍କ ନେତୃତ୍ୱରେ ତାଙ୍କୁ ଦଳୀୟ କର୍ମୀଙ୍କ ପକ୍ଷରୁ ସ୍ୱାଗତ କରା ଯାଇଥିଲା। ଏକ ହୋଟେଲର ସମ୍ମିଳନୀ କକ୍ଷରେ ସୁଶ୍ରୀ ତୀର୍କି ଏକ ସାମ୍ବାଦିକ ସମ୍ମିଳନୀରେ ଦେଶରେ ତଥା ରାଜ୍ୟରେ ବଢୁଥିବା ବଳାତ୍କାର ଘଟଣା ଓ ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ଅବନତି ବୃଦ୍ଧି ପାଇଥିବା ଅଭିଯୋଗ କରି ଚିନ୍ତା ପ୍ରକଟ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଫୁଲବାଣୀ ବିଧାୟକ ଅଭିମନ୍ୟୁ ବେହେରା, ବରିଷ୍ଠ କଂଗ୍ରେସ ନେତା ସୁଧୀର କର୍ଣ୍ଣ ଉପସ୍ଥିତ ଥିଲେ।




## ଅଭିଯୋଗ ପରେ ବି ରୁଜୁ ହେଉନି ମାମଲା

# ଆଇଆଇସିଙ୍କ ବିରୋଧରେ ଏସ୍‌ପିଙ୍କୁ ଫେରାଦ

**ଭବାନୀପାଟଣା, ୨୧।୩ (ସମିସ)**



ସାଧାରଣ ଲୋକ କିମ୍ବା କୌଣସି ଜନପ୍ରତିନିଧି ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର କରାଯିବ। ତାଙ୍କ ଅଭିଯୋଗ ଶୁଣି ମାମଲା (ଏଫ୍‌ଆଇଆର) ଦାୟର କରାଯିବ। ଗତ ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରଠାରେ ନବନିର୍ମିତ ରାଜ୍ୟର ୧୪ଟି ଥାନା ଗୃହର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପୁଲିସ ଡିଜିଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଅଭିଯୋଗ ଗ୍ରହଣ କରା ନ ଗଲେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ; ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ଅଭିଯୋଗ କରିବାର ୨ମାସ ଅଧିକ ପରେ ବି ମାମଲା ରୁଜୁ କରାଯାଇନାହିଁ। ଏହାକୁ ନେଇ ଶୁକ୍ରବାର ସ୍ଥାନୀୟ ଆଇଆଇସିଙ୍କ ନାଁରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏସ୍‌ପିଙ୍କଠାରେ ଫେରାଦ ହୋଇଛନ୍ତି। ସେମାନେ ଏ ନେଇ ଏସପିଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏସପି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିବା ପ୍ରକାଶ କରିଛନ୍ତି। ଭବାନୀପାଟଣା ସଦର ଥାନା ଫଟକାମାଲ ପଞ୍ଚାୟତର ବୋରିଙ୍ଗପଦର ଗ୍ରାମର ମା' ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀର ପୂର୍ବତନ ସମ୍ପାଦିକା ଓ ପୂର୍ବତନ ସଭାପତି ଗ୍ରୁପ୍ ଖାତାରୁ ୬ଲକ୍ଷ ୮୮ହଜାର ଟଙ୍କା ହଡପ କରିଛନ୍ତି। ଗୋଷ୍ଠୀର ସଦସ୍ୟାଙ୍କୁ ନ ଜଣେଇ ଜାଲ ଦସ୍ତଖତ କରି ଟଙ୍କା ଉଠାଇ ଆତ୍ମସାତ କରିଥିବା ଗୋଷ୍ଠୀର ମହିଳାମାନେ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଗତ ଜାନୁୟାରୀ ୧୧ ତାରିଖରେ ଅନଲାଇନ୍ ମାଧ୍ୟମରେ ସଦର ଥାନାରେ ଅଭିଯୋଗ ହୋଇଛି। ୨ମାସ ପରେ ମଧ୍ୟ ପୁଲିସ ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇନାହିଁ। ଏପରିକି ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଏହି ଘଟଣାର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପତ୍ର ଲେଖିଥିବା ଅଭିଯୋଗରେ ଦର୍ଶାଯାଇଛି; ହେଲେ କୌଣସି ଲାଭ ହୋଇଛି। ତେବେ ଏ ନେଇ ଭବାନୀପାଟଣା ସଦରଥାନା ଆଇଆଇସି ନରେଶ ପ୍ରଧାନଙ୍କୁ ପଚାରିବାରୁ ଅନଲାଇନ ଏତଲା ନେଇ ସେ ଜାଣି ନାହାନ୍ତି। ଏବେ ଅଭିଯୋଗକାରୀ ଥାନାକୁ ଆସି ଅଭିଯୋଗ ଦେଇଛନ୍ତି। ପୂର୍ବରୁ କୌଣସି ଅଭିଯୋଗ ହୋଇନି। ବିଡିଓଙ୍କୁ ରିପୋର୍ଟ ମାରିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ୩୨୦ କେଜି ଗଞ୍ଜେଇ ଜବତ

**ଶଗଡ଼ା, ୨୧।୩(ସମିସ):** ମନମୁଣ୍ଡା ଥାନା ଉଡାମୁଡ ଗ୍ରାମ ନିକଟ ଜଙ୍ଗଲରେ ବୌଦ୍ଧ ଅବକାରୀ ବିଭାଗ ଚଢଉ କରି ଗଞ୍ଜେଇ ଜବତ କରିଛି। ୩୨୦ କେଜି ଗଞ୍ଜେଇ ଜବତ ହୋଇଛି। ଚାଲାଣକାରୀ ଅବକାରୀ କର୍ମଚାରୀଙ୍କୁ ଦେଖି ଘଟଣାସ୍ଥଳରୁ ଫେରାର ମାରିଛନ୍ତି।



# ଜିଏସ୍‌ଟି କମିଶନରଙ୍କ ବୌଦ୍ଧ ଗସ୍ତ ନେଇ ପ୍ରସ୍ତୁତି

**ବୌଦ୍ଧ, ୨୧।୩(ସମିସ):** ଓଡ଼ିଶା ସିଟି ଓ ଜିଏସଟି କମିଶନର ଜାମିନୀ ଷଡଙ୍ଗୀ ୨୫ରେ ୨ ଦିନିଆ ବୌଦ୍ଧ ଗସ୍ତରେ ଆସୁଛନ୍ତି। ଏ ନେଇ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବ୍ରତ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଶ୍ରୀମତୀ ଷଡଙ୍ଗୀ କେଉଁ କେଉଁ ପ୍ରକଳ୍ପ ଓ ଅନୁଷ୍ଠାନ ପରିଦର୍ଶନ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ଅଧିକାରୀ ନିଜ ନିଜ ବିଭାଗର ପ୍ରକଳ୍ପଗୁଡିକର ପିପିଟି ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣ୍ଡଆଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



# ବୌଦ୍ଧ ଜିଲ୍ଲା ହାଇଓ୍ୱା ମାଲିକ ସଂଘର ନୂତନ କର୍ମକର୍ତ୍ତା



**ବୌଦ୍ଧ, ୨୧।୩(ସମିସ):** ବୌଦ୍ଧ ସହରର ମର୍ଜାକୁଦରେ ଜିଲ୍ଲା ହାଇଓ୍ୱା ମାଲିକ ସଂଘର ସାଧାରଣ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ଶୁଭକାନ୍ତ ମହାନ୍ତି ସଭାପତି, ଅଜୟ ପଣ୍ଡା ଉପ ସଭାପତି, ରଞ୍ଜୀତ ସାହୁ ସାଧାରଣ ସମ୍ପାଦକ, ଚିନ୍ମୟ ପାତ୍ର ଯୁଗ୍ମ ସମ୍ପାଦକ, ଅଶ୍ୱିନୀ ମହାପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ପ୍ରଶାନ୍ତ ପଣ୍ଡା, ନଜିର ଖାନ୍, ସୁଶାନ୍ତ ଖଟୁଆ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ରାଜକିଶୋର ରାଜ, ରଜନୀକାନ୍ତ ପ୍ରଧାନ, ସନ୍ତୋଷ ମହାନ୍ତି ଓ ପରଦେଶୀ ବେହେରା ଆଇନ୍ ପରାମର୍ଶଦାତା ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସୁମନ୍ତ ପ୍ରଧାନ, ବିନୋଦ ବାଘ, ଚିତ୍ତରଞ୍ଜନ ସେଠୀ, ବିକାଶ ଖଣ୍ଡଗିରୀ, ଓମ୍‌ପ୍ରକାଶ ମେହେର, ଆଦିତ୍ୟ ମେହେର, ଅରଣ୍ୟ ସେଠୀ, ବିଜୟ ବାରିକ, କାର୍ତ୍ତିକ ନାଏକ, ଫାଲଗୁନି ଧଳ ଓ ବିପୁଲ୍ ବିଶ୍ୱାସ ମନୋନୀତ ହୋଇଛନ୍ତି।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ବୀରମହାରାଜପୁର/ସୁବଳୟା, ୨୧।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ କୁମୁରସିଂହା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।ମୃତକ ନୂଆଗଡ଼ ଗ୍ରାମର ଶମ୍ଭୁ ପ୍ରସାଦ ଝାଙ୍କର।ସୂଚନା ଅନୁସାରେ ଶମ୍ଭୁ ନିଜ ଗାଁରେ ଏକ ଛୋଟିଆ ଟେଣ୍ଟ ହାଉସ କରିଛନ୍ତି। ଶୁକ୍ରବାର ଦିନ ୧୦ଟା ସମୟରେ କୁମୁରସିଂହା ଗ୍ରାମର ଏକ ବାହାଘର କାର୍ଯ୍ୟରେ ନିଜର ଟେଣ୍ଟ ଲଗାଇଥିଲେ।ସେଠାରେ କୁଲର ନଚାଲିବାରୁ ଶମ୍ଭୁ ସଜାଡିବାକୁ ଯାଇଥିଲେ।କୁଲର୍ ସଜାଡୁଥିବ ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଅପମୃତ୍ୟୁ ମାମଲା ରଜୁ କରିଛି ତଦନ୍ତ କରୁଛି।

# ପିପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଇଲିଟି ୧୧ ବିଜୟୀ



**ବିନିକା, ୨୧।୩(ସମିସ):** ତାରାପୁରଗଡ଼ ମିନି ଷ୍ଟାଡିୟମରେ ଚାଲିଥିବା ବିନିକା ପାଲିପଡ଼ା କ୍ରିକେଟ ଲିଗ ମ୍ୟାଚ୍‌ର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କ୍ରିଏସି ହୁଣ୍ଟରକୁ ୩୬ରନରେ ହରାଇ ଇଲିଟି ୧୧ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି।ପ୍ରଥମେ ଇଲିଟି ବ୍ୟାଟିଂ କରି ୧୦ଓଭରରେ ୪ୱିକେଟ ହରାଇ ୧୪୧ରନ କରିଥିଲା।ଜବାବରେ କ୍ରିଏସି ୫ୱିକେଟ ହରାଇ ୧୦୫ରନ କରି ପରାଜିତ ହୋଇଥିଲା।ଖେଳକୁ ପ୍ରଦୀପ ମହାଲିଂ ଓ ସଂଗ୍ରାମ କେଶରୀ ନାୟକ ପରିଚାଳନା କରିଥିବା ବେଳେ ମ୍ୟାଚ ଧାରାବିବରନୀ ଆଲୋକ ଓ ଆନନ୍ଦ ଏବଂ ସ୍କୋରର ଭାବେ ମହେନ୍ଦ୍ର, ନରସିଂହ ଦାୟିତ୍ୱ ତୁଲାଇଥିଲେ।ଶେଷରେ ଅମିତ ବିକ୍ରମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ନୀଳାଚଳ ମେହେର, ବିଜେପି ନେତା ଭୁବନେଶ୍ୱର ପାତ୍ର, ଯୁବ ସଂଗଠକ ପ୍ରତାପ ଚନ୍ଦ୍ର ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ମାନପତ୍ର ସହ ମ୍ୟାଚ୍‌ରେ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରିଥିବା ଇଲିଟି ଟିମର ରିତିଶ ସେଠୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ




**ବୀରମହାରାଜପୁର, ୨୧।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଗୁରୁବାର ଦିନ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି (ବିଏଲବିସି) ବୈଠକ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜିବ୍ ହାଁସ୍‌ଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି।ବୈଠକରେ ନାବାର୍ଡ ଡିଡିଏମ୍ ସତ୍ୟ ସ୍ୱରୂପ ବେଦାନ୍ତ, ସୁବର୍ଣ୍ଣପୁର ଜିଲ୍ଲା ଲିଡ୍ ବ୍ୟାଙ୍କ ମେନେଜର କାର୍ତ୍ତିକେଶ୍ୱର ପଣ୍ଡା ଏବଂ ଏଫ୍‌ଏ ଦିଲ୍ଲୀପ ମିଶ୍ର, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଲମ୍ବୋଦର ବେହେରା, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଦେବେନ୍ଦ୍ର ମାଟିଙ୍କ ସମେତ ଅନ୍ୟାନ୍ୟ ବ୍ୟାଙ୍କର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଶେଷ ଭାବରେ ଯେଉଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର କାର୍ଯ୍ୟ ଠିକ୍ ଅଛି ସେହି ଗ୍ରୁପ୍‌କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିବା ସହିତ ସେଙ୍ଗି ଖାତାରେ ଯେଉଁମାନଙ୍କ ବିମା ଥିବା ସମୟରେ ସ୍ୱାଭାବିକ ବା ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା ସେମାନଙ୍କୁ ମଧ୍ୟ ଦୁଇ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହା ସହିତ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ କିଭଳି ଭାବରେ ସରକାର ଦେଉଥିବା ଅର୍ଥର ସୁବିନିଯୋଗ ବ୍ୟାଙ୍କ ମାଧ୍ୟମରେ କରିବେ ତା'ଉପରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ।

## ■ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରସଙ୍ଗ

# ରାଜନୈତିକ ଦଳଙ୍କ ସହ ପ୍ରଶାସନର ବୈଠକ

**ସୋନପୁର, ୨୧।୩ (ସମିସ):** ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ରାଜନୈତିକ ଦଳ ଦ୍ୱାରା ପ୍ରତି ବୁଥ୍ ରେ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକିୟା ଆରମ୍ଭ କରାଯାଇଛି। ଏଥିପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧକ୍ଷତାରେ ରାଜନୈତିକ ଦଳମାନଙ୍କ ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସ୍ୱଚ୍ଛତା ପାଇଁ ନିର୍ଭୁଲ ଭୋଟର ତାଲିକାର ଭୂମିକା ବିଷୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋକପାତ କରିଥିଲେ।ଜିଲ୍ଲାର ପ୍ରତି ବୁଥରେ ରାଜନୈତିକ ଦଳଙ୍କ ଦ୍ୱାରା ବିଏଲଏ ନିଯୁକ୍ତି କରିବା ପ୍ରକ୍ରିୟା ନେଇ ଫର୍ମ ୧ ଓ ଫର୍ମ ୨ ବିଷୟରେ ଜିଲ୍ଲାପାଳ ବୁଝାଇଥିଲେ। ଭୋଟର ତାଲିକାରେ ଯୋଗ, ବିୟୋଗ, ସଂଶୋଧନ, ସ୍ଥାନାନ୍ତର ଆଦି ପାଇଁ ବିଏଲଏମାନେ ବିଏଲଓମାନଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ କୁହାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଡେପୁଟୀ କଲେକ୍ଟର ତଥା ନିର୍ବାଚନ ଶାଖା ଅଧିକାରୀ ଯଶସ୍ୱିନୀ ପୋଥାଳ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରି ବୈଠକରେ ଉପସ୍ଥିତ ସମସ୍ତ ଦଳୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଧାରିତ ଫର୍ମ ଯୋଗାଇ ଦେଇଥିଲେ। ନିର୍ବାଚନ କମିଶନ ଓ ଭାରତର ଏକକ ପରିଚୟ ପତ୍ର ପ୍ରକରଣ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସମ୍ପ୍ରତିକ୍ରମେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ କରଯିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଆଗାମୀ ୧୫ ଦିନ ମଧ୍ୟରେ ବିଏଲଏ ନିଯୁକ୍ତ ପକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି।ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ସୁଧୀର କୁମାର ପଣ୍ଡା, ବିଜେପିର ସୁକାନ୍ତ କୁମାର ସାହୁ, ବିଜେଡି ତରଫରୁ କଇଁରୁ ସ୍ୱାଇଁ, ଆପ ତରଫରୁ ସୁବାସ ବିଶି, ବିଏସପି ତରଫରୁ ସରୋଜ କୁମାର ତାଣ୍ଡିଙ୍କ ସହ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଅଂଶ ଗ୍ରହଣ କରିଥିଲେ।



## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

# 'ଉତ୍ତମ ଶିକ୍ଷା ହିଁ ଜ୍ଞାନର ସର୍ବୋଚ୍ଚ ଶିଖରରେ ପହଞ୍ଚାଏ'

**ବୀରମହାରାଜପୁର, ୨୧।୩(ସମିସ)**

ଉତ୍ତମ ଶିକ୍ଷା ହିଁ ମନୁଷ୍ୟକୁ ଜ୍ଞାନର ସର୍ବୋଚ୍ଚ ଶିଖରରେ ପହଞ୍ଚାଇଥାଏ। ବୈଷୟିକ ଶିକ୍ଷା ହେଉ ଅବା ନୈତିକ ଶିକ୍ଷା, ଉଭୟକୁ ସକାରାତ୍ମକ ଭାବରେ ଗ୍ରହଣ କଲେ ବିଦ୍ୟାର୍ଥୀ ଜୀବନରେ ଉନ୍ନତିର ଶିଖର ତମ ପ୍ରଦେଶର ପହଞ୍ଚି ଥାଏ ବୋଲି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୧୬ ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।ଆଜି ଆଶ୍ରମ ପରିସରରେ ଆୟୋଜିତ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ଶିକ୍ଷାବିତ୍ ଭଗବାନ ମିଶ୍ର। ମୁଖ୍ୟ ଅତିଥି ଭାବରେ ପୂର୍ବତନ ଜିଲ୍ଲା ଶିକ୍ଷା ପରାମର୍ଶଦାତା, ସୁବର୍ଣ୍ଣପୁର ଡ.ପ୍ରଫୁଲ୍ଲ କୁମାର ରଥ, ମୁଖ୍ୟ ବକ୍ତା ଜୋନାଲ ସଂଗଠକ ମଦନମୋହନ ଦାନୀ, ବିଶେଷ ଅତିଥି ଜୋନାଲ ସଂଗଠକ ଅମିତ୍ ସାହୁ, ସମ୍ମାନିତ ଅତିଥି କବି ରାଧେଶ୍ୟାମ ମିଶ୍ର, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ହୋତା, କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ।କବିଭାଇ ମାତୃବାଣୀ ଉପସ୍ଥାପନା କରିଥିବାବେଳେ ରାଜେଶ କୁମାର ସାହୁ ସ୍ୱାଗତ କରିଥିଲେ। ଆଦ୍ୟାଶା, ପ୍ରତିମା, ସ୍ମୃତି, ପାୟଲ୍ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନରଞ୍ଜନ ଦାଶ ବାର୍ଷିକ ବିବରଣୀ ପଠନ କରିଥିଲେ। ବାର୍ଷିକ ଉତ୍ସବରେ ଏ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି। ମେଧା ସମ୍ମାନରେ ରୁଦ୍ରନାରାୟଣ ଦାସ, ଅନ୍ତର୍ଯ୍ୟାମୀ ମିଶ୍ର, କର୍ମଯୋଗୀ ସମ୍ମାନରେ ଅଭିମନ୍ୟୁ ବଗର୍ତ୍ତି, ମରଣୋତ୍ତର ସାଇଟ୍ ସମ୍ମାନରେ ସ୍ୱର୍ଗତ ଭୁବନେଶ୍ୱର ମିଶ୍ର, ପ୍ରକୃତି ବନ୍ଧୁ ସମ୍ମାନ ବିପିନ୍ ଅଗ୍ରୱାଲ, କର୍ମବୀର ସମ୍ମାନ ନମିତା ହୋତା, ସାବିତ୍ରୀ ସାହିତ୍ୟ ସମ୍ମାନ ସନ୍ତୋଷିନୀ ନାୟକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି। ଶେଷରେ ନବାରୁଣ ଦେବଦତ୍ତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିଶୁ ଭାଇ ଭଉଣୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।ସମସ୍ତ କାର୍ଯ୍ୟକ୍ରମ ରେ ସୁନୀତା, ଜୁବୁଲି, ମଧୁ ମଙ୍ଗଳ, ସୁଶାନ୍ତ, ଅନୁପ, ଦିଲ୍ଲୀପ ପ୍ରମୁଖ ସହଯୋଗ କରିଥିଲେ।



# ଭବିଷ୍ୟ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

**ବିନିକା, ୨୧।୩(ସମିସ):** ବିନିକା ବ୍ଲକ ଫୁଲମୁଠି ଠାରେ ଥିବା ଭବିଷ୍ୟ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭବିଷ୍ୟ ଚାରିଟେବୁଲ ଟ୍ରଷ୍ଟ ମେନେଜିଂ ଡାଇରେକ୍ଟର ଶୁଧାଂଶୁ ଶେଖର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିନିକା ତହସିଲଦାର ରେଶନା ଭୋଇ, ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ଯାଇଜେସିର ଅଧ୍ୟାପିକା ରେଶମାରାଣୀ ଦାଶ ଯୋଗଦେଇ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ନେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀମାନେ ନିଜର ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରିବା ଦିଗରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ଚେୟାରମ୍ୟାନ ସଞ୍ଜୀବ ସୁବୁଦ୍ଧି, ଏକାଡେମୀ ମୁଖ୍ୟ ଡ.ଭବାନୀ ଶଙ୍କର ମେହେର, ଭାଇସ ଚେୟାରମ୍ୟାନ ସଞ୍ଜୀବ ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।ଉତ୍ସବ ପ୍ରାରମ୍ଭରେ ସ୍କୁଲର ଅଧକ୍ଷା ସସ୍ମିତା ସାମନ୍ତରାୟ ସ୍ୱାଗତ ଭାଷଣ, ଅମିତ ବେହେରା ଅତିଥି ପରିଚୟ, ଆସିଷ୍ଟାଣ୍ଟ ମେନେଜୀଂ ଡାଇରେକ୍ଟର ସୁନିଲ କୁମାର ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ଥିବା କୁନି କଳାକାର, ଭବିଷ୍ୟ ସମ୍ମାନ ହାସଲ କରିଥିବା ବିଶ୍ୱନାଥ ପାଣ୍ଡେଙ୍କୁ ଅତିଥିମାନେ ମାନପତ୍ର, ମୋମେଣ୍ଟୋ ଦେଇ ସମ୍ମାନିତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ, ଗୀତ ପରିବେଷଣ ଅଭିଭାବକଙ୍କୁ ମୁଗ୍ଧ କରିଥିଲା। ଶେଷରେ ଭାଇସ୍ ପ୍ରିନ୍ସିପାଲ ରିସମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜୁନାଗଡ଼-ନବରଙ୍ଗପୁର ନୂଆ ରେଲଲାଇନ ପ୍ରକଳ୍ପ ଚିଠାରେ ଧର୍ମଗଡ଼ ବାଦ୍

# ‘ଧର୍ମଗଡ଼କୁ ରେଳ ଲାଇନ୍ ସମ୍ପ୍ରସାରଣ ନ ହେଲେ ଆନ୍ଦୋଳନ’





**ତାତିଲେ ଧର୍ମଗଡ଼ କ୍ରିୟାନୁଷ୍ଠାନ କର୍ମକର୍ତ୍ତା**

**ଧର୍ମଗଡ଼, ୨୧।୩(ସମିସ):** ପ୍ରସ୍ତାବିତ ଜୁନାଗଡ଼-ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱାକ୍ଷର ଥିବା ଏକ ଚିଠିର କପି ପଦାକୁ ଆସିବା ନେଇ ଧର୍ମଗଡ଼ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧର୍ମଗଡ଼ରେ ରେଲଷ୍ଟେସନ ହେଉନାହିଁ ଏହା ଏଥିରୁ ସ୍ପଷ୍ଟ ହୋଇଯାଇଛି। ଏ ନେଇ ଧର୍ମଗଡ଼ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଧର୍ମଗଡ଼କୁ ରେଳ ଲାଇନ୍ ସମ୍ପ୍ରସାରଣ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାସ, ଦିଗାମ୍ବର ଦୁରିଆ, ସୁମନ୍ତ ପଣ୍ଡା, ପ୍ରସନ୍ନ ଅଗସ୍ତି, ନାଗରିକ ସଙ୍ଘର ଡମ୍ବରୁ ଧର ଲହଜଲ, ବିଘ୍ନରାଜ ପଟ୍ଟଯୋଶୀ, ସୁନିଲ ପାତ୍ର, ଜଗନ୍ନାଥ ସେବା ସମିତିର ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଚେମ୍ବର ଅଫ କମର୍ସର ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ଅରୁଣ ତାୟଲ, ବିକାଶ ମେହର, ବରିଷ୍ଠ ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲ, ଇଙ୍ଗିତ ପଣ୍ଡା, ବିଶ୍ୱ ରଞ୍ଜନ ପାତ୍ର, ଘନଶ୍ୟାମ ଅଗ୍ରୱାଲ, ଡାକେଶ୍ୱର ଲହଜଲ, ସିତୁନ ମେହେର, ସୁଶାନ୍ତ ପାଢ଼ୀ, ହେମନ୍ତ ପଣ୍ଡା, ଚନ୍ଦନ ପାତ୍ର, ବଙ୍କିମ ସାଗର ସମେତ ବହୁ ବୁଦ୍ଧିଜୀବୀ ବୈଠକରେ ଯୋଗ ଦେଇଥିଲେ।

ଧର୍ମଗଡ଼କୁ ରେଳପଥ ସମ୍ପ୍ରସାରଣ ନ ହେଲେ ଆଗକୁ ଦୁର୍ବାର ପଦକ୍ଷେପ ନିଆଯିବ ବୋଲି ମତ ପ୍ରକାଶ ପାଇଛି। କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେଓ, ସାଂସଦ ସୁଜିତ କୁମାର ଓ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀଙ୍କୁ ଭେଟି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ପୂର୍ବତନ କେନ୍ଦ୍ର ରେଳ ମନ୍ତ୍ରୀ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ମଧ ଭେଟି ଧର୍ମଗଡ଼କୁ ରେଳପଥ ସମ୍ପ୍ରସାରଣ ନେଇ ସହଯୋଗ ପାଇଁ ଅନୁରୋଧ କରାଯିବା ପାଇଁ ବୈଠକରେ ମତ ପ୍ରକାଶ ପାଇଛି।

ଜୁନାଗଡ଼ ରୋଡ-ନବରଙ୍ଗପୁର ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପରେ ଧର୍ମଗଡ଼ ରୋଡ ଷ୍ଟେସନ ସହରରୁ ଅଳ୍ପ ଦୂରରେ ସ୍ଥାପନ ପାଇଁ ସ୍ଥାନୀୟ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ହସ୍ତକ୍ଷେପ ଲୋଡ଼ି ଚିଠି ଲେଖିଛନ୍ତି। ବିଧାନସଭା ଷ୍ଟାଣ୍ଡିଂ କମିଟି (ପରିବହନ)ର ସୁପାରିଶକୁ କାର୍ଯ୍ୟକାରୀ କରି ରେଳ ମନ୍ତ୍ରଣାଳୟକୁ ଏ ସମ୍ପର୍କରେ ଚିଠି ଲେଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ଅନୁରୋଧ କରିଛନ୍ତି।

ଧର୍ମଗଡ଼କୁ ରେଳ ଲାଇନ ସଂଯୋଗ ପାଇଁ ଦୀର୍ଘଦିନରୁ ଧର୍ମଗଡ଼ବାସୀ ଦାବି କରିଆସୁଛନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ, ପ୍ରତିବାଦ, ଦାବିପତ୍ର ଆଦି ପ୍ରଦାନ କରାଯାଇଛି। ଏସବୁ ହେବାପରେ ପୂର୍ବତନ ସାଂସଦ ବସନ୍ତ ପଣ୍ଡା ସଂସଦରେ ମଧ ଏହି ପ୍ରସଙ୍ଗ ଉଠାଇଥିଲେ। ପରବର୍ତ୍ତୀ ସମୟରେ ଧର୍ମଗଡ଼କୁ ରେଳଲାଇନ ସଂଯୋଗ ହେବ ଏବଂ ସର୍ଭେ ପାଇଁ ବିଭାଗ ପକ୍ଷରୁ ଅର୍ଥ ଅନୁମୋଦନ ହୋଇଥିବା ସୂଚନା ଦିଆଯାଇଥିଲା। ଏହାକୁ ନେଇ ଲୋକେ ଖୁସି ହୋଇଥିଲେ। କେବଳ ସାଂସଦ ନୁହେଁ; ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ ଜୁନାଗଡ଼ରୁ ଧର୍ମଗଡ଼କୁ ରେଳଲାଇନ ସମ୍ପ୍ରସାରଣ ପାଇଁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ରେଳ ଲାଇନ ଧର୍ମଗଡ଼ ସହର ପାଖାପାଖି ଦେଇ ଯିବା ପାଇଁ ଧର୍ମଗଡ଼ ରେଳ ଉପଭୋକ୍ତା ସଂଘ, ସଚେତନ ନାଗରିକ ମଞ୍ଚ ପକ୍ଷରୁ ପୁଣି ଥରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ ସମୟରେ ଧର୍ମଗଡ଼କୁ ରେଳ ଲାଇନ୍ ସମ୍ପ୍ରସାରଣ ପାଇଁ ଦାବିପତ୍ର ଦିଆଯାଇଥିଲା। ଏସବୁ ହେବାପରେ ସରକାର ଜୁନାଗଡ଼-ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଘୋଷଣା କଲେ। ଧର୍ମଗଡ଼ବାସୀ ଭାବିଲେ ଏଥର ରେଳ ଲାଇନ ଧର୍ମଗଡ଼ ଦେଇ ଯିବ। ପ୍ରସ୍ତାବିତ ରେଳପ୍ରକଳ୍ପର ମ୍ୟାପରେ ଧର୍ମଗଡ଼ ସହର ନ ଥିବା ବେଳେ ଧର୍ମଗଡ଼ ରୋଡ ନାମରେ ଏକ ଷ୍ଟେସନ ହେବା ଲୋକଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ଧର୍ମଗଡ଼ଠାରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି ମଧ ଏକ ସମ୍ବର୍ଦ୍ଧନା ସଭାରେ କିରିଆ ପକେଇ କରି କହୁଁଚେ ରେଳ ଲାଇନ ଧର୍ମଗଡ଼ ଦେଇକି ଯିବ ବୋଲି କହିଥିଲେ। ଏବେ ଏଥିପାଇଁ ବଜେଟ ଆଲୋକେଶନ ମଧ ହୋଇସାରିଛି। ଜୁନାଗଡ଼-ନବରଙ୍ଗପୁର ୧୧୬.୨୧ କିମି ରେଳଲାଇନ ପାଇଁ ଜମି ଅଧିଗ୍ରହଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିବା ବିଭାଗୀୟ ସୂତ୍ରରୁ ସୂଚନା ଦିଆଯାଇଛି। ଜମି ଅଧିଗ୍ରହଣ ନୋଟିସରେ ଜୁନାଗଡ଼ ବ୍ଲକ ଓ କୋକସରା ବ୍ଲକର ଅଧିକାଂଶ ଜମି ଅଧିଗ୍ରହଣ ହେଉଥିବା ବେଳେ ଧର୍ମଗଡ଼ ବ୍ଲକର ବିରାମାଲ ଗାଁର କେବଳ ୧.୫୩୬ ଏକର ଜମିଅଧଗ୍ରହଣ କରୁଥିବା ଜଣାପଡ଼ିଛି। ଏତକ ଜମି ରେଳ ଷ୍ଟେସନ ପାଇଁ ମଧ ଯଥେଷ୍ଟ ହେବନାହିଁ। ଏଥିରୁ ଏହା ମଧ ଅସ୍ପଷ୍ଟ ପ୍ରକୃତରେ ଏହି ନୂତନ ରେଳ ଲାଇନ୍ ଧର୍ମଗଡ଼ ବ୍ଲକକୁ ସଂଯୋଗ କରିବ ନା ନାହିଁ। ଯାହାକି ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରୁଛି। ଧର୍ମଗଡ଼ ରୋଡ ଷ୍ଟେସନ ଧର୍ମଗଡ଼ରେ ନୁହେଁ ଅନ୍ୟ କେଉଁଠି ହେଉଥିବା ଏଥିରୁ ଆପାତତଃ ସ୍ପଷ୍ଟ ହେଉଛି। ଏହାକୁ ନେଇ ଏବେ ପୁଣି ଥରେ ଧର୍ମଗଡ଼ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ଆଗାମୀ ଦିନରେ ଧର୍ମଗଡ଼କୁ ରେଳଲାଇନ ସଂଯୋଗ ଦାବିରେ ରେଳ ଉପଭୋକ୍ତା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆବାହକ ବରିଷ୍ଠ ଆଇନଜୀବୀ ତୁଷାରରଞ୍ଜନ ପଟ୍ଟଯୋଶୀ କହିଛନ୍ତି।

## ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ଭବାନୀପାଟଣା, ୨୧।୩ (ସମିସ):** ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଓ ଏନ୍‌ଏସ୍‌ଏସ୍ ପ୍ରଭାଗ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ନିବେଦିତା ନାଥ ଅଧ୍ୟକ୍ଷତା କରିଥିଲେ। ୧୫୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୦ ଜଣ ପ୍ରତିଯୋଗୀ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କୁ ପ୍ରମାଣପତ୍ର ସହ ସ୍ମାରକ ଦେଇ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି, ରାୟଗଡ଼ା, ନୂଆପଡ଼ା ଜିଲ୍ଲାରୁ ଛାତ୍ରଛାତ୍ରୀ ଯୋଗଦେଇ ‘ଗୋଟିଏ ଦେଶ, ଗୋଟିଏ ନିର୍ବାଚନ’ ଶୀର୍ଷକ ବିଷୟ ବସ୍ତୁ ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ସମ୍ମାନୀତ ଅତିଥି ଭାବେ କୁଳସଚିବ ପିତାମ୍ବର ଭୋଇ, ନେହେରୁ ଯୁବା କେନ୍ଦ୍ର ସଂଗଠନର ଯୁବ ଅଧିକାରୀ ପ୍ରସନ୍ନ ମେହେର, ମେଜର ଡକ୍ଟର ଜୟଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜୟନ୍ତ ଦନସନା ସଂଯୋଜନା କରିଥିବା ବେଳେ ଡକ୍ଟର ଚିତ୍ତରଞ୍ଜନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ‘ଆମ ସଂସ୍କୃତି ଆମ ଖେଳନା’ କାର୍ଯ୍ୟକ୍ରମ



**କୋକସରା, ୨୧।୩(ସମିସ) :** କୋକସରା ବ୍ଲକ ଚିଲିଗୁଡା ସର୍ବ ମଙ୍ଗଳା ସରକାରୀ ଉ.ପ୍ରା ବିଦ୍ୟାଳୟରେ ଶୁକ୍ରବାର ‘ଆମ ସଂସ୍କୃତି ଆମ ଖେଳନା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୁକ୍ତା ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ ମୁଖ୍ୟ ଅତିଥି, ନୋଡାଲ ସିଆରସିସି ବୈକୁଣ୍ଠ ଜାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରମରେ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ, ଶିକ୍ଷୟତ୍ରୀ ଓ ପରିଚାଳନା କମିଟି ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଉପଭୋକ୍ତା ସଂଘର ଗଣଧାରଣା



**ମ.ରାମପୁର, ୨୧।୩(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତା ସଂଘ ବିଦ୍ୟୁତ୍ ସମସ୍ୟା ସମ୍ବନ୍ଧିତ ବିଭିନ୍ନ ଦାବିକୁ ନେଇ ଗଣଧାରଣାରେ ବସିଛନ୍ତି। ପ୍ରଥମେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର କରିବା, ବାରମ୍ବାର ବିଦ୍ୟୁତ୍ କାଟ୍ ବନ୍ଦ କରିବା, ଜନବିରୋଧୀ ପ୍ରିପେଡ ସ୍ମାର୍ଟ ମିଟର ସଂଯୋଗ ବନ୍ଦ କରିବା, ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ପ୍ରତ୍ୟେକ ଉପଭୋକ୍ତାଙ୍କୁ ମାସରେ ୩୦୦ୟୁନିଟ ବିଦ୍ୟୁତ୍ ମାଗଣାରେ ଯୋଗାଇବା, ଓଇଆରସି ଏବଂ ଟାଟା ପାୱାର କମ୍ପାନୀର ଶୋଷଣ ଓ ଜୁଲୁମ ବନ୍ଦ କରିବା, ବିଦ୍ୟୁତ୍ ଘରୋଇକରଣ ବନ୍ଦ କରିବା, ବିଦ୍ୟୁତ୍ ବିଲ୍ ପୈଠ କରିଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କ ବେଆଇନ ବିଦ୍ୟୁତ୍ କାଟକୁ କରିବା ଭଳି ଦାବି ରଖି ଧାରଣାରେ ବସିବା ସହ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ବିଦ୍ୟୁତ୍ ଉପଭୋକ୍ତା ସଂଘର ସଭାପତି ଚମରା ବଗର୍ତ୍ତୀ, ସମ୍ପାଦକ ସତ୍ୟଜିତ ଚାଟାର୍ଜୀ, ଗଙ୍ଗାଧର ପ୍ରହରାଜ, ବିଶ୍ୱଜିତ ଚାଟାର୍ଜୀ, ପ୍ରଭାକର ନାଗ, ପ୍ରକାଶ ମାଝୀ, ନକୁଳ ବଗର୍ତ୍ତୀ, ବାବୁଲା ସାହୁ ସମେତ ଅଞ୍ଚଳର ସମସ୍ତ ଉପଭୋକ୍ତା ଯୋଗ ଦେଇଥିଲେ।

## କବି ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି



**କେସିଙ୍ଗା, ୨୧।୩(ସମିସ):** ସ୍ଥାନୀୟ ଚେତାବନୀ ସାହିତ୍ୟ ସଂସଦ ପକ୍ଷରୁ କବି ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗାଳ୍ପିକା ଯାଜ୍ଞସେନୀ ସାହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ମଞ୍ଜୁମେଧା ଗୁରୁ, ଯୁବକବି ଯାଦବେନ୍ଦ୍ର ସାହା, ରମେଶ ଜେନା, ରୁବି ଚୌଧୁରୀ, ଅଧ୍ୟାପକ ପର୍ଶୁରାମ ସାହୁ, ଭାଗିରଥି ସିଂ, ସୁଶାନ୍ତ ମୁଣ୍ଡ, ହିମାଞ୍ଚଳ ସାହୁ, ମମତା ସାହୁ, ସୌରଭ ମିଶ୍ର, ଓମରାଜ ମିଶ୍ର ପ୍ରମୁଖ ଯୋଗ ଦେଇ କବିଙ୍କ ସ୍ମୃତିଚାରଣ କରିଥିଲେ। ବିକ୍ରମଦେବ ସାହୁଙ୍କ ସଂଯୋଜନାରେ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଥିଲା। ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଜଳଛତ୍ର ଉଦ୍‌ଘାଟିତ

**ବୌଦ୍ଧ, ୨୧।୩(ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବୌଦ୍ଧ ଏନଏସି ପକ୍ଷରୁ ଏକ ଜଳଛତ୍ର ଖୋଲା ଯାଇଛି। ଏହାକୁ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ବୌଦ୍ଧଗଡ଼ ଏନଏସିର ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଲିୟାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଯୁବପିଢି ଜଙ୍ଗଲ ସୁରକ୍ଷା ଦାୟିତ୍ୱ ନିଅନ୍ତୁ’

**କେସିଙ୍ଗା, ୨୧।୩(ସମିସ):** ଜୀବଜଗତର ଅସଲ ଗନ୍ତାଘର ହେଉଛି ଜଙ୍ଗଲ, ଜଳ, ଜମି। ଏସବୁର ରକ୍ଷା ଦିଗରେ ଯୁବପିଢ଼ି ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତୁ। କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ବିଶ୍ୱ ବନ ଦିବସ -୨୦୨୫ରେ ଏହି ମତ ପ୍ରକାଶ ପାଇଛି। କେସିଙ୍ଗା ଫରେଷ୍ଟ ରେଞ୍ଜ ଅଫିସର ସ୍ନିଗ୍ଧା ସରିତା ବଳିୟାରସିଂହ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହା କହିଛନ୍ତି। ଅଧିବେଶନର ସଭାପତି ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର ବେହେରା ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଓ ସଂରକ୍ଷଣ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ସ୍ଲୋଗାନ ଲିଖନ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଜି.କ୍ରିଷ୍ଣା ରେଡ୍ଡୀ ପରିଚାଳନା କରିଥିଲେ। ୟୁଥ୍ ଓ ଯୁକୋ କ୍ଲବର ସଂଯୋଜକ ଶିକ୍ଷକ ସୁନୀଲ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।




# ଜଳ ବିଭାଜିକା ମହୋତ୍ସବରେ ତାତିଲେ ଚାଷୀ

- **ଜଳ ବିଭାଜିକା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଠେଲାପେଲା ସହ ମାର୍‌ପିଟ୍**
- **ଚାଷୀଙ୍କ ଅଣଦେଖା ଅଭିଯୋଗ**

**ଶଗଡ଼ା, ୨୧।୩( ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ବ୍ରାହ୍ମଣୀ ଓ ଗୋପାଳମାଳରେ ଜିଲ୍ଲା ମୃତ୍ତିକା ଓ ଜଳଛାୟା ପ୍ରକଳ୍ପ ପକ୍ଷରୁ ଜଳ ବିଭାଜିକା ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ୍ତ ମହାନ୍ତି, ଅନିଲ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କ ଦ୍ୱାରା ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଇଥିଲା। ଜଳଛାୟା ଯୋଜନାର ବିଭିନ୍ନ ମାର୍ଗଦର୍ଶକଙ୍କୁ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ କଣ୍ଟାମାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ଜଳଛାୟା ବିଭାଗର ବହୁ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅନେକ ଥର ଅଭିଯୋଗ ହୋଇ ଆସୁଛି। ଜଳଛାୟା କମିଟି ଗଠନରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ନିଜ ମନମୁଖୀ କମିଟି ଗଠନ କରିଥିବା ଅଞ୍ଚଳର ଚାଷୀ ଅଭିଯୋଗ କରିଥିଲେ; ହେଲେ ବିଭାଗୀୟ ଅଧିକାରୀ ଏହାକୁ ଅଣଦେଖା କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏହାର ପ୍ରତିଫଳନ ଜଳ ଜଳ ଗୋପାଳମାଳ ବିଭାଜିକା ମହୋତ୍ସବରେ ଦେଖିବାକୁ ମିଳିଥିଲା। ଉତ୍ତ୍ୟକ୍ତ ଚାଷୀ ଜଳ ବିଭାଜିକା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଠେଲା ପେଲା କରିବା ସହ ମାର୍‌ପିଟ୍ କରିଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ନାରାୟଣ ପ୍ରସାଦ ପଞ୍ଚାୟତ ଓ ଶିମିଳି ପଦର ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ବେଳେ ଚାଷୀଙ୍କୁ ଅଣଦେଖା କରି ବିଭାଗୀୟ ଅଧିକାରୀ ଜଳଛାୟା କମିଟି ସହ ମିଶି ବ୍ୟାପକ ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି। ଏକ ଦୁର୍ନୀତି ସମ୍ପର୍କରେ ଆରଟିଆଇ ତଥ୍ୟ ମଗା ଯାଇଥିବା ବେଳେ ପ୍ରଥମ ଅପିଲ ପରେ ମଧ ତଥ୍ୟ ନ ଦେଇ ତାଙ୍କୁ ଅଯଥା ହଇରାଣ କରିବା ସହ ଦିନ ଗଡ଼େଇ ଚାଲି ଥିବାରୁ ଚାଷୀ ଉତ୍ତ୍ୟକ୍ତ ହୋଇଥିଲେ।

## ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ବିଶ୍ୱ କବିତା ଦିବସ



**ଭବାନୀପାଟଣା, ୨୧।୩(ସମିସ):** ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୧୮ ସଂଖ୍ୟା ସାରସ୍ୱତ ଆସର ବିଶ୍ୱ କବିତା ଦିବସ ପାଳିତ ହୋଇଛି। ଶିଶୁ ସାହିତ୍ୟିକ ବ୍ରହ୍ମାନନ୍ଦ ସାମଲ ଏଥିଲେ। ପୌରୋହିତ୍ୟ କରିଥିଲେ। ଡ. ତପନ ରଥ, ଡ. ନୀରଦ ଚନ୍ଦ୍ର କହଁର ଓ ଗାଳ୍ପିକ ପ୍ରକାଶ ନିଶଙ୍କ କବିତା ଦିବସ ଉପରେ ଆଲୋଚନା କରିଥିଲେ। ଯୁବକବି ଯୁଧିଷ୍ଠିର ମୁଦୁଲିଙ୍କ ସଂଯୋଜନାରେ କବି ସକିତ ରତେ, ଅଶୋକ ଖମାରୀ, ସୁକାନ୍ତ ସାହୁ, ସଂଘମିତ୍ରା କାନୁନଗୋ, ସ୍ୱାଧୀନ ପାତ୍ର, କିଶୋର ମହାନନ୍ଦ, ସୁତ୍ତମ ନାଏକ, ଅନୀତା ମୁଣ୍ଡ, ଆନନ୍ଦିନୀ ପାତ୍ର, ଦୀପ୍ତି ମୁଣ୍ଡ, ସାଗର ବୈଠାରୁ, ଅର୍ଚ୍ଚନା ମିଶ୍ର, ରଚିତା ମେହେର, ଐଶ୍ୱର୍ଯ୍ୟା ପ୍ରଧାନ, ନିକିତା ସାହୁ, କେତନ ରଣା, ସଞ୍ଜୀବ ପଣ୍ଡା, ବାଲ୍ମୀକି କରୁଆଁ, ବିଶ୍ୱନାଥ ସାହୁ, କୌସ୍ତୁବ ବାଗ, ଅଜୟ ଭୋଇ, ରାମଶଙ୍କର ମେହେର ପ୍ରମୁଖ କବିତା ଆବୃତ୍ତି କରିଥିଲେ। ଚିତ୍ତରଞ୍ଜନ କର ଓ ଆଶୁଧନ ପୁରୋହିତ ସଂଯୋଜନା କରିଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

